# କୋଷ୍ଟକେନାଲ ପୁନରୁଦ୍ଧାର ଆଶା ଉଜ୍ଜୀବିତ

## ଅନୁଧ୍ୟାନ କଲେ କେନ୍ଦ୍ରୀୟ ଜଳ ଆୟୋଗର ୩ଜଣିଆ କମିଟି

**ଭୋଗରାଇ, ୧୬।୪(ପ୍ରଦୀପ ଦାସ)**

ଅନାବନା ଦଳରେ ପରିପୂର୍ଣ୍ଣ ଓଡ଼ିଶା ନୌବାଣିଜ୍ୟର ଐତିହ୍ୟ କୋଷ୍ଟ କେନାଲର ପୁନରୁଦ୍ଧାର ଆଶା ଉଦ୍‌ଜୀବିତ ହୋଇଛି। କେନ୍ଦ୍ରୀୟ ଜଳ ଆୟୋଗର ୩ ଜଣିଆ କମିଟି ଗୁରୁବାର ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ସୀମାନ୍ତ ଗାଁ ମାନକୁଣ୍ଡା ଗ୍ରାମ ଭୁଆବନ୍ଧରୁ ଭୋଗରାଇ ଲକ୍ ଗେଟ ପର୍ଯ୍ୟନ୍ତ ଲମ୍ବିଥିବା ୧୪ କି.ମି. କୋଷ୍ଟ କେନାଲର ସାମଗ୍ରିକ ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି।

ଓଡ଼ିଶାର ନଅଙ୍କ ଦୁର୍ଭିକ୍ଷ ସମୟରେ ଖାଦ୍ୟ ପାଇଁ କାମ ବଦଳରେ ଏହି କୋଷ୍ଟ କେନାଲ ଓଡ଼ିଶା ସୀମାନ୍ତରୁ ଭଦ୍ରକ ଚାରବାଟିଆ ପର୍ଯ୍ୟନ୍ତ ଖନନ କରାଯାଇଥିବା କୁହାଯାଇଛି। ୧୮୬୭ମସିହାଠାରୁ ପଶ୍ଚିମବଙ୍ଗ ଗେଉଁଆଖାଲି ନଦୀରୁ ସୁଦୀର୍ଘ ଏହି କୋଷ୍ଟକେନାଲ ଓଡ଼ିଶା ପର୍ଯ୍ୟନ୍ତ ଲମ୍ବିଥିବା ବେଳେ ପଶ୍ଚିମବଙ୍ଗ ସହିତ ଓଡ଼ିଶାର ନୌବାଣିଜ୍ୟର ଇତିହାସ ମୂକସାକ୍ଷୀ ହୋଇଥିଲା। ୨୦୦୪ ମସିହା ପର୍ଯ୍ୟନ୍ତ ଉକ୍ତ କୋଷ୍ଟ କେନାଲ ଉଭୟ ରାଜ୍ୟର ଗମନାଗମନ ଓ ବାଣିଜ୍ୟିକ ଆର୍ଥିକ ସ୍ଥିତି ସୁଦୃଢ ଥିଲା। କାଳକ୍ରମେ ଏହି କୋଷ୍ଟ କେନାଲ ଓଡ଼ିଶାର ମାନକୁଣ୍ଡା ଗ୍ରାମରୁ ଧୀରେ ଧୀରେ ଦଳପୂର୍ଣ୍ଣ ହେବା ଓ ସମ୍ପୂର୍ଣ୍ଣ ପୁନରୁଦ୍ଧାର ନ ହେବାରୁ କେନାଲ ପତିତ ହୋଇପଡ଼ିଥିଲା। କେନାଲର ଉଭୟ ପାର୍ଶ୍ୱରେ କେତେକ ସ୍ଥାନରେ ଜବରଦଖଲକାରୀମାନେ କେନାଲ ବନ୍ଧ କାଟି ଘରଦ୍ୱାର ଓ ଚାଷଜମି କରିବା ଯୋଗୁ କେନାଲରୁ ଚାଷଜମିକୁ ଜଳସେଚନ ଓ ଦକ୍ଷିଣ ଭୋଗରାଇରୁ ଉଦ୍‌ବୃତ୍ତ ବର୍ଷାଜଳ ବାଧାପ୍ରାପ୍ତ ହେବାରୁ ଲୋକଙ୍କ ଜୀବିକା ପ୍ରଭାବିତ ହୋଇଆସୁଥିଲା। ଲୋକଙ୍କ ଦୁଃଖ ଲାଘବ ନିମନ୍ତେ କୋଷ୍ଟକେନାଲ ଯୁଦ୍ଧକାଳୀନ ଭିତ୍ତିରେ ପୁନରୁଦ୍ଧାର ପାଇଁ ବିଧାୟକ ଗୌତମବୁଦ୍ଧ ଦାସ


କେନ୍ଦ୍ରୀୟ ଟିମ୍ ସହ ବିଧାୟକ ଗୌତମବୁଦ୍ଧ ଦାସ ଓ ଅନ୍ୟମାନେ।

ବିଧାନସଭାରେ ପ୍ରଶ୍ନ ସହିତ କେନ୍ଦ୍ରୀୟ ଜଳ ଆୟୋଗ (ସିଡବ୍ଲୁସି )କମିଶନରଙ୍କୁ ମାର୍ଚ୍ଚରେ ପତ୍ର ଲେଖିଥିଲେ। କେନ୍ଦ୍ରୀୟ ଜଳ ଆୟୋଗ ଦପ୍ତର ଏହି ପତ୍ର ପାଇବା ପରେ ଉକ୍ତ ଆୟୋଗର ନିର୍ଦ୍ଦେଶକ ମନୋଜ କୁମାରଙ୍କ ସହିତ ଅନ୍ୟ ୨ଜଣ ଉଚ୍ଚପଦସ୍ଥ କର୍ମଚାରୀ ପହଞ୍ଚି ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ ଜନପ୍ରତିନିଧିଙ୍କ କୋଷ୍ଟ କେନାଲର ସ୍ଥିତି ଅନୁଧ୍ୟାନ କରିଥିଲେ। ଏହାପରେ ଭୋଗରାଇ ଲକ୍ ଡାକବଙ୍ଗଳାଠାରେ ଏକ ସମୀକ୍ଷା ବୈଠକ ବସିଥିଲା। ବୈଠକରେ ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରବୀର କୁମାର ଗିରି, ସେଚ ବିଭାଗର ସହକାରୀ ଯନ୍ତ୍ରୀ ପ୍ରମୋଦ ଦେ, ବିଜେଡି ବ୍ଲକ ସଭାପତି ରମାକାନ୍ତ କରଣ, ଜିଲାପରିଷଦ ସଦସ୍ୟା କବିତା ମହାନ୍ତି, ଦମୟନ୍ତୀ ସାହୁ, ବିଜେଡି ନେତା ଶୁଭେନ୍ଦୁ ଆଚାର୍ଯ୍ୟ, ନଳିନୀ ସେଠୀ, ହେମନ୍ତ ବେହେରା, ତାପସ ଦାସ ମହାପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ଅବିଳମ୍ବେ କୋଷ୍ଟ କେନାଲର ପୁନରୁଦ୍ଧାର ସହିତ ପର୍ଯ୍ୟଟନର କେନ୍ଦ୍ର, ଚାଷୀଙ୍କୁ ଜଳସେଚନ ସୁବିଧା ସୁଯୋଗ ଓ ଲକ ଗେଟ୍‌ଠାରେ କର୍ମଚାରୀ ନିଯୁକ୍ତି କରିବାକୁ କେନ୍ଦ୍ରୀୟ ଟିମ୍‌ଠାରେ ଦାବି ରଖିଥିଲେ। ଏହି ଟିମ୍ ଜନପ୍ରତିନିଧିଙ୍କ ଦାବି ଓ ସ୍ଥିତି ସମ୍ପର୍କରେ କେନ୍ଦ୍ର ଜଳ ଆୟୋଗକୁ ରିପୋର୍ଟ ପ୍ରଦାନ କରିବେ ବୋଲି ପ୍ରକାଶ କରିଥିଲେ।

# ଦୋଷୀଙ୍କୁ ୩ବର୍ଷ ସଶ୍ରମ କାରାଦଣ୍ଡ

## ମାନସିକ ବିକୃତ ଯୁବତୀଙ୍କୁ ଅସଦାଚରଣ ମାମଲା

**ବାଲେଶ୍ୱର, ୧୬।୪(ମୃତ୍ୟୁଞ୍ଜୟ ପଟ୍ଟନାୟକ)**

ମାନସିକ ବିକୃତ ଯୁବତୀଙ୍କୁ ଅସଦାଚରଣ ମାମଲାର ବିଚାର କରି ଗୁରୁବାର ବାଲେଶ୍ୱର ଜିଲା ଆଡିଶନାଲ ସେସନ ଜଜ୍ କମ ଫାଷ୍ଟଟ୍ରାକ୍ କୋର୍ଟ ବିଚାରପତି ଅନୀତା ସାହୁ ଅଭିଯୁକ୍ତ ମୂଷା ମହାଳିକ(୬୭)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୨ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅଧିକ ୨ମାସ ଜେଲଦଣ୍ଡ ଭୋଗିବା ପାଇଁ ବିଚାରପତି ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

ଗୋପାଳପୁର ଥାନା ତାଳପଦା ଗ୍ରାମର ମୂଷା ମହାଳିକ ଗତ ତା୫।୬।୨୦୨୩ରିଖରେ ତାଙ୍କ ଗ୍ରାମ ନିକଟସ୍ଥ ପଡ଼ିଆକୁ ଯାଇଥିଲେ। ପଡ଼ିଆରେ ସ୍ଥାନୀୟ ଅଞ୍ଚଳର ଜଣେ ୨୦ବର୍ଷୀୟା ମାନସିକ ବିକୃତ ଯୁବତୀ ଛେଳି ଚରାଉଥିଲେ। ହଠାତ୍ ବର୍ଷା ଆସିବାରୁ ଯୁବତୀଜଣକ ପଡ଼ିଆ ନିକଟରେ ଥିବା ଏକ ଅସ୍ଥାୟୀ ପଲା ଘରେ ଆଶ୍ରୟ ନେଇଥିଲେ। ମୂଷା ମଧ ବର୍ଷା ପାଇଁ ସେହି ପଲା ଘରେ ଯାଇ ଆଶ୍ରୟ ନେଇଥିଲେ। ସେଠାରେ ଆଉ କେହି ନ ଥିବା ଯୋଗୁ ମୂଷା ସେହି ପଲା ଘରେ ବଳପୂର୍ବକ ଯୁବତୀଙ୍କୁ ଅସଦାଚରଣ କରିଥଲା। ପୀଡ଼ିତା ଯୁବତୀ ଘରକୁ ଯାଇ ମା' ବାପାଙ୍କୁ ସବୁ କଥା କହିଥିଲେ। ଯୁବତୀଙ୍କ ବାପା ଗୋପାଳପୁର ଥାନାରେ ତା ୭।୬।୨୩ରିଖରେ ମୂଷା ବିରୋଧରେ ଏତଲା ଦେଇଥିଲେ। ପୋଲିସ ଅଭିଯୋଗକୁ ଭିତ୍ତି କରି ଗତ ତା୮।୬।୨୩ ରିଖରେ ଅଭିଯୁକ୍ତ ମୂଷାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ବାଲେଶ୍ୱର ଆଡିଶନାଲ ସେସନ ଜଜ୍ କମ ଫାଷ୍ଟଟ୍ରାକ୍ କୋର୍ଟରେ ଏସ୍‌ଟି ମାମଲା ନଂ. ୫୩୭/୨୩ ବିଚାରାଧୀନ ଥିଲା। ଗୁରୁବାର ବିଚାରପତି ସାହୁ ଉକ୍ତ ମାମଲାର ବିଚାର କରି ଉପରୋକ୍ତ ଦଣ୍ଡାଦେଶ ଦେଇଛନ୍ତି। ଏହାସହିତ କ୍ଷତିପୂରଣ ବାବଦରେ ପୀଡ଼ିତା ଯୁବତୀଙ୍କୁ ଆଇନସେବା ପ୍ରାଧିକରଣ ପକ୍ଷରୁ ୩ଲକ୍ଷ ଟଙ୍କା ଦେବା ପାଇଁ ରାୟରେ ବିଚାରପତିଙ୍କ ନିର୍ଦ୍ଦେଶ ରହିଛି। ଏହି ମାମଲାକୁ ସରକାରଙ୍କ ତରଫରୁ ଆଇନଜୀବୀ ବୈଲୋଚନ ଦାଶ ପରିଚାଳନା କରିଥିଲେ।




# ଦର୍ଶକଙ୍କ ମନ ଛୁଇଁଲା ଶିବପ୍ରସାଦଙ୍କ ପ୍ରବଚନ, ପପୁଙ୍କ କମେଡି


ଅତିଥିମାନେ ଦ୍ୱିତୀୟ ସନ୍ଧ୍ୟାର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରୁଛନ୍ତି।

## ସାରୁଗାଁ ମହୋତ୍ସବ ଉଦ୍‌ଘାଟିତ

**ଖଇରା, ୧୬।୪(ଉତ୍କଳବନ୍ଧୁ ପଣ୍ଡା)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରୁଗାଁ ଉଡା ପଡିଆରେ ମଙ୍ଗଳବାର ସନ୍ଧ୍ୟାରେ ଆମ ସାରୁଗାଁ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ବିଧାୟକ ପଦ୍ମଲୋଚନ ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ମହୋତ୍ସବ ନିଜ ଗାଁ ଓ ନିଜ ଅଞ୍ଚଳର ପରମ୍ପରା ଓ ସଂସ୍କୃତିକୁ ଉଦ୍‌ଜୀବିତ କରିଥାଏ ବୋଲି ପ୍ରକାଶ କରିଥିଲେ। କମିଟି ସଭାପତି ରଘୁନାଥ ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଆଇନଜୀବୀ ଯୁଧିଷ୍ଠିର ନାୟକ ସମ୍ମାନନୀୟ ଅତିଥି, ସମ୍ପାଦକ ଜୟନ୍ତ କୁମାର ଦାସ ବିବରଣୀ ପାଠ କରିଥିଲେ। ବିଶିଷ୍ଟ ପ୍ରବଚକ ଶିବପ୍ରସାଦ ଦାସ ଈଶ୍ୱରଙ୍କ ମହିମା ବର୍ଣ୍ଣନା ପରିବେଶକୁ ଅତ୍ୟନ୍ତ ଭାବ ବିହ୍ୱଳ କରିଥିଲା। ସେହିଭଳି ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ ନାୟକ, ପ୍ରାକ୍ତନ ସଦର ବିଧାୟକ ସ୍ୱରୂପ ଦାସ, ପ୍ରାକ୍ତନ ରେମୁଣା ବିଧାୟକ ସୁଧାଂଶୁ ପରିଡା, ଯୁବ ବିଜେଡି ସଭାପତି ଶୁଭେନ୍ଦୁ ମଙ୍ଗରାଜ, ସମିତିସଭ୍ୟ ପ୍ରତିନିଧି ଜିତେନ୍ଦ୍ର ବେହେରା, ଯୁବନେତା ଅନନ୍ତ ପ୍ରସାଦ ବାରିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ମହୋତ୍ସବ ନିଜ ଅଞ୍ଚଳର ପ୍ରତିଭାକୁ ବିକଶିତ କରିବାରେ ସହାୟକ ହୋଇଥାଏ ବୋଲି କହିଥିଲେ। ଏହି ପରିପ୍ରେକ୍ଷୀରେ ବିଶିଷ୍ଟ ଯାତ୍ରା କଳାକାର ବିଷ୍ଣୁ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଶାନ୍ତ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ଶେଷରେ କମେଡି କିଙ୍ଗ ପପୁ ପମପମଙ୍କ ହାସ୍ୟ ଅଭିନୟରେ ଦର୍ଶକ ଭରପୁର ମଜାନେବା ସହ କଣ୍ଠଶିଳ୍ପୀ ଦେବାଶିଷ ମହାନ୍ତି ଓ ସୌଜନ୍ୟ ରଥଙ୍କ ସଙ୍ଗୀତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। କମିଟି ସଦସ୍ୟ ଗୌତମ ରାଉତ, ହେମନ୍ତ ଲେଙ୍କା, ଶଙ୍କର୍ଷଣ ନାୟକ ଓ ଲକ୍ଷ୍ମୀକାନ୍ତ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଜଗତିପୁରରେ ଚଡ଼କ ପର୍ବ ସମ୍ପନ୍ନ

**ବାଲିଆପାଳ, ୧୬।୪(ରାଜଶ୍ରୀ ପାଣିଗ୍ରାହୀ)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକରେ ପ୍ରମୁଖ ଶୈବପୀଠ ମଧ୍ୟରୁ ଜଗତିପୁରଠାରେ ଥିବା ଜଗତେଶ୍ୱର ଏବଂ ରନ୍ତେଶ୍ୱରଙ୍କର ମଙ୍ଗଳବାର ଚଡ଼କ ଯାତ୍ରା ସମ୍ପନ୍ନ ହୋଇଛି। ଏହି ପୀଠରେ ୧୩ଦିନ ଧରି ବ୍ରତଧାରୀମାନେ ଅପରାହ୍ନରେ ଏକ ଶୋଭାଯାତ୍ରାରେ ରତାଇସ୍ଥିତ ହାକାଣ୍ଡ ପୋଖରୀକୁ ଯାଇଥିଲେ। ପରମ୍ପରା ଅନୁଯାୟୀ ମାନସିକ ପୂରଣ କରିବା ପାଇଁ କେତେକ ଭକ୍ତା ଜିଭ ଏବଂ ପିଠିରେ ଲୁହା କଣ୍ଟା ଫୋଡି ବାଦ୍ୟର ତାଳେତାଳେ ମନ୍ଦିର ପାଖକୁ ଆସିଥିଲେ। ସେହିପରି ମହିଳା ଭକ୍ତା ମୁଣ୍ଡରେ ଝୁଣା ସରା ମୁଣ୍ଡାଇ ମନ୍ଦିର ପର୍ଯ୍ୟନ୍ତ ଆସି ମନ୍ଦିର ପରିକ୍ରମା କରିଥିଲେ। ଏଇ ପୀଠ ଦୁଇଟି ପାଖାପାଖି ରହିଥିବାରୁ ଠାକୁରଙ୍କର ନୀତିକାନ୍ତି ଏକା ସମୟରେ ହୋଇଥାଏ। ମହାଦେବଙ୍କର ଜାହିରା ରହିଥିବାରୁ ଏଠାରେ ବହୁ ଭକ୍ତା ଉପବୀତ ଧାରଣ କରିଥାନ୍ତି। ସବୁଠାରୁ ବିଶେଷ ଆକର୍ଷଣ ଥମ୍ବିକାଠ ସହ ନିଜ ଦେହକୁ ଗାମୁଛାରେ ବନ୍ଧାଯାଇ ଉଡିଥାନ୍ତି ଭକ୍ତାମାନେ। ଢାକ, ବାଜା, ତୋରଣରେ ଝୁମିଥିଲେ ଦର୍ଶକ। ପାଟଭକ୍ତା ସନାତନ ରାଉତ, ଘଟୁଆଳ ଗୌର ବାରିକ, ଜନ୍ମେଜୟ ବାରିକ, ଅରୁଣ ଜେନା, ନଳିନୀକାନ୍ତ ଜେନା, ସୃଷ୍ଟିଧର ରାଉତ ଏବଂ ମୁଖ୍ୟ ପୂଜକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଥିବାବେଳେ ଜଗତିପୁର ଗ୍ରାମର ଭକ୍ତିପଦ ପଣ୍ଡା, ସରପଞ୍ଚ ସୁବାସ ବେହେରା, ସମିତିସଭ୍ୟ ଶାନ୍ତନୁ ମହାପାତ୍ର, ସଂଗ୍ରାମ ପରିଡା, ରତିକାନ୍ତ ଜେନା ପ୍ରମୁଖ ପରିଚାଳନା କରିଥିଲେ।


ବ୍ରତଧାରୀ ଜିଭରେ କଣ୍ଟା ଫୋଡ଼ି ବାଦ୍ୟର ତାଳେ ତାଳେ ନୃତ୍ୟ କରୁଛନ୍ତି।

# ବଣିଆଗାଁରେ ଝାଡଖଣ୍ଡୀ ଦନ୍ତାର ଉପଦ୍ରବ

**ନୀଳଗିରି, ୧୬।୪ (ପ୍ରଶାନ୍ତ କୁମାର ବିଶ୍ୱାଳ)**

ଖାଦ୍ୟ ଅନ୍ୱେଷଣରେ ଏକ ଝାଡ଼ଖଣ୍ଡୀ ହାତୀ ନୀଳଗିରି ରେଞ୍ଜ ଦୁର୍ଗାଦେବୀ ଅଞ୍ଚଳ ଅତିକ୍ରମ କରି ଗୁରୁବାର ସକାଳ ୬ଟାରେ ନୀଳଗିରି ବ୍ଲକ ମହିଷାପଟ୍ଟା ପଞ୍ଚାୟତ ବଣିଆଗାଁରେ ପହଞ୍ଚି ମନୋଜ କୁମାର ନନ୍ଦଙ୍କ ଫାର୍ମ ବାଡ଼ିଭାଙ୍ଗି ଭିତରକୁ ପ୍ରବେଶ କରି ଫାର୍ମବାଡିରେ ଥିବା ପନିପରିବା, କଦଳୀଗଛ, ଆମ୍ବ ଗଛ ବ୍ୟାପକ ଭାବେ ନଷ୍ଟ କରିଛି। ପରେ ହାତୀଟି ପାଟଣା ଜଙ୍ଗଲ ଅଭିମୁଖେ ଯାଉଥିବା ଦେଖିବାକୁ ମିଳିଛି। ତେବେ ଦନ୍ତା ହାତୀ ପ୍ରଥମେ ନୀଳଗିରି ଅଞ୍ଚଳକୁ ଆସି ଖାଦ୍ୟ ଅନ୍ୱେଷଣ କରିବା ପରେ ଅନ୍ୟ ହାତୀମାନେ ଆସିପାରନ୍ତି ବୋଲି ଅନୁମାନ କରାଯାଉଛି। ଏନେଇ ନୀଳଗିରି ବନବିଭାଗ ପକ୍ଷରୁ ଅଞ୍ଚଳବାସୀଙ୍କୁ ସତର୍କ କରାଇବା ସହିତ ଦନ୍ତାର ଗତିବିଧି ଉପରେ ତୀକ୍ଷ୍ଣ ନଜର ରଖାଯାଇଛି ବୋଲି କହିଛନ୍ତି।



# ଭାଗବତ ପାରାୟଣ ସପ୍ତାହ ଆରମ୍ଭ

ବାଲିଆପାଳ, ୧୬।୪(ଗୋପାଳ ଚନ୍ଦ୍ର ସାହୁ): ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଘଣ୍ଟୁଆ ପଞ୍ଚାୟତ ଧର୍ମଦ୍ୱାର ଗ୍ରାମର ଶ୍ରୀରାଧା ବେଣୁମାଧବ ସେବାଧାମର ବାର୍ଷିକ ଉତ୍ସବ ଅବସରରେ ଗୁରୁବାରଠାରୁ ସପ୍ତାହବ୍ୟାପୀ ଭାଗବତ ପାରାୟଣ, ହରିକଥା ଅମୃତ ପ୍ରବଚନ ଆରମ୍ଭ ହୋଇଛି। ପରେ ସନ୍ଧ୍ୟା ଆଳତୀ ଓ ସାମୂହିକ ପ୍ରାର୍ଥନା ଶେଷ ହେବା ପରେ ଡ. ସ୍ୱାମୀ ଅଦ୍ୱୈତାନନ୍ଦ ମହାରାଜାଙ୍କ ଦ୍ୱାରା ହରିକଥା ଅମୃତ ପ୍ରବଚନ ଚଳିତମାସ ୨୨ତାରିଖ ପର୍ଯ୍ୟନ୍ତ ହେବ। ଭାଗବତ ପାରାୟଣ ଶେଷ ହେବା ପରେ ଶ୍ରୀରାଧା ବେଣୁମାଧବ ସେବାଧାମ ବାର୍ଷିକ ଉତ୍ସବ ୨୩ତାରିଖ ପୂର୍ବାହ୍ନ ୧୧ଟାଠାରୁ ନାମଯଜ୍ଞରୁ ଆରମ୍ଭ ହୋଇ ୨୪ତାରିଖ ପୂର୍ଣ୍ଣାହୁତି ପ୍ରଦାନ ପରେ ବାର୍ଷିକ ଉତ୍ସବ ସମାପନ ହେବ ବୋଲି ଶ୍ରୀଶ୍ରୀ ରାଧା ବେଣୁମାଧବ ସେବାଧାମର ପ୍ରତିଷ୍ଠାତା ପ୍ରଫେସର ବେଣୁଧର ନାୟକ କହିଛନ୍ତି। ଭଗବତ ପାରାୟଣରେ ବ୍ରହ୍ମଚାରିଣୀ ମୋତି ମାଣିକ ଦାସ, ଉମ୍ବରୁଧର ନାୟକ, ସୁକାନ୍ତି ନାୟକ, ଜୟନ୍ତୀ ନାୟକ, ସୁଜାତା ନାୟକ, ସବିତା ନାୟକ, ସୁମତି ନାୟକ, ଅରୁନ୍ଧତୀ ଗିରି, ଅପସରା ଦଳାଇଙ୍କ ସହିତ ମାଳତୀ ଦାସ ଭାଗବତ ପଠନରେ ସହଯୋଗ କରିଥିଲେ।

# କ୍ରୀଡ଼ାବିତ୍‌ଙ୍କ ପ୍ରତିଭା ବିକାଶ ପାଇଁ ଏହା ପ୍ଲାଟଫର୍ମ


ଉଦ୍‌ଘାଟନୀ ଉତ୍ସବରେ ମଞ୍ଚାସୀନ ଅତିଥି।

## ବାଲେଶ୍ୱରରେ ସିଏମ୍ ଟ୍ରଫି ଉଦ୍‌ଘାଟିତ

**ବାଲେଶ୍ୱର, ୧୬।୪(ବାଞ୍ଛାନିଧି ଦେ)**

ବାଲେଶ୍ୱର ଜିଲା ପ୍ରଶାସନ ଏବଂ କ୍ରୀଡ଼ା ଓ ଯୁବସେବା ବିଭାଗ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପରମିଟ୍ ପଡ଼ିଆରେ ଗୁରୁବାର ଓଡ଼ିଶା କ୍ରୀଡ଼ା ମହାକୁମ୍ଭ ସିଏମ୍ ଟ୍ରଫି ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସରକାରୀ ଉପ ମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦଚନ୍ଦ୍ର ଦାସ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସଦର ବିଧାୟକ ମାନସ କୁମାର ଦତ୍ତ ଯୋଗଦେଇ କ୍ରୀଡ଼ାବିତ୍‌ଙ୍କ ପ୍ରତିଭା ବିକାଶ ପାଇଁ ଏହି ମହାକୁମ୍ଭ ଉପଯୁକ୍ତ ପ୍ଲାଟଫର୍ମ ବୋଲି ବକ୍ତବ୍ୟରେ କହିଥିଲେ। ଜିଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ଉତ୍ସାହିତ କରିଥିଲେ। ଜିଲା କ୍ରୀଡ଼ା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନା ଅଧ୍ୟକ୍ଷତା କରିଥିଲେ। ଜିଲା କ୍ରୀଡ଼ା ସଂଘର ସହ-ସାଧାରଣ ସମ୍ପାଦକ ପ୍ରଦୀପ ଲେଙ୍କା, ଉପସଭାପତି ଜଗଦୀଶ ବେହେରା, ଜନ୍ମେଜୟ ଦେ, ବୀରେନ୍ଦ୍ର ସ୍ୱାଇଁ ଏବଂ ଓଡ଼ିଶା ଖୋ-ଖୋ ଆସୋସିଏଶନର ସହ-ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ସମେତ ବରିଷ୍ଠ କ୍ରୀଡ଼ାବିତ ଓ ଅଧିକାରୀ ଉପସ୍ଥିତ ଥିଲେ। ଜିଲା କ୍ରୀଡ଼ା ସଂଘ ସହଯୋଗରେ ଆୟୋଜିତ ଏହି ପ୍ରତିଯୋଗିତା ଆସନ୍ତା ୩୦ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଟ୍ରଫିରେ ମୁଖ୍ୟତଃ ୪ଟି ବିଭାଗରେ ଖୋ-ଖୋ, ଭଲିବଲ୍, କବାଡି ଏବଂ ଫୁଟବଲ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଜିଲାରେ ଥିବା କ୍ରୀଡ଼ାପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ଏବଂ ଗ୍ରାମାଞ୍ଚଳର ଖେଳାଳିମାନଙ୍କୁ ଏକ ବଡ଼ ପ୍ଲାଟଫର୍ମ ଦେବା ଏହି କ୍ରୀଡ଼ା ମହୋତ୍ସବର ମୁଖ୍ୟ ଉଦ୍ଦେଶ୍ୟ।

# ଆଦର୍ଶ ପ୍ରଧାନ ଶିକ୍ଷକଙ୍କ ଶ୍ରଦ୍ଧାଞ୍ଜଳି ସଭା

ବାଲିଆପାଳ, ୧୬।୪(ରାଜଶ୍ରୀ ପାଣିଗ୍ରାହୀ): ବାଲିଆପାଳ ବ୍ଲକ ଅଧୀନ ଡଗରାସ୍ଥିତ ଗଦାଧର ସ୍ମୃତି ଉଚ୍ଚ ବିଦ୍ୟାପୀଠର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସ୍ୱର୍ଗତ ଦେବତୋଷ କୁମାର ଦତ୍ତଙ୍କ ଶ୍ରଦ୍ଧାଞ୍ଜଳି ସଭା ବିଦ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ପକ୍ଷରୁ ଆୟୋଜିତ ସଭାକୁ ତୀର୍ଥ କୁମାର ନାଗ ପରିଚାଳନା କରିଥିଲେ। ପୁରାତନ ଛାତ୍ର ବର୍ତ୍ତମାନର ଛାତ୍ର, ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ଯୋଗଦେଇଥିଲେ। ଦତ୍ତଙ୍କ ଅକାଳ ମୃତ୍ୟୁରେ ଅପୂରଣୀୟ କ୍ଷତି ଘଟିଛି ବୋଲି କହିବା ସହିତ ସାର୍‌ଙ୍କ ସହିତ ବିତାଇଥିବା ସମୟର ଅନୁଭୂତିକୁ ଛାତ୍ରୀଛାତ୍ର ବଖାଣିଥିଲେ। ଏହି ସମୟରେ ଚୈତନ୍ୟ କୁମାର ଜେନା, ଅଜୟ କୁମାର ବେହେରା, କିରଣବାଳା ପାତ୍ର, ସଦାନନ୍ଦ ମହାନ୍ତି, ଅରୁଣ କୁମାର ପାତ୍ର, ପୂର୍ଣ୍ଣ ଚନ୍ଦ୍ର ସାହୁ ଓ ପ୍ରଶାନ୍ତ କୁମାର କରଣ ପ୍ରମୁଖ ଉପସ୍ଥିତ ଥିଲେ।







# ଉଦ୍ୟାନ ଉପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଅଧାପନ୍ତରିଆ

କେନ୍ଦୁଝର,୧୬।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ମୁଖ୍ୟାଳୟରେ ନିର୍ମାଣାଧୀନ ଉଦ୍ୟାନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ଗୃହ ନିର୍ମାଣ ଅଧାପନ୍ତରିଆ ହୋଇପଡ଼ିଛି। ପ୍ରାୟ ଦେଢ଼ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହୋଇଥିବା ଏହି ପ୍ରକଳ୍ପ ଅଦ୍ୟାବଧି ସରିପାରୁନାହିଁ। ଫଳରେ ଏହା ଜରାଜୀର୍ଣ୍ଣ ଅବସ୍ଥାରେ ରହିଥିବାବେଳେ ଅର୍ଥ ଅଭାବରୁ ନିର୍ମାଣ ହୋଇପାରୁନାହିଁ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି।

ପ୍ରକାଶ ଯେ, ଜିଲା ମୁଖ୍ୟାଳୟର ମାଧପୁରଠାରେ ପ୍ରାୟ ୭୫ ଡେସିମିଲ ଜମିରେ ୨୦୨୪-୨୫ ମସିହାରେ ଉଦ୍ୟାନ ବିଭାଗର ଜିଲା ଅଫିସ ପାଇଁ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା।



ସୂଚନା ଫଳକ ନ ଥିବାରୁ ପ୍ରକଳ୍ପ ସମ୍ବନ୍ଧରେ ଠିକ୍ ସୂଚନା ମିଳୁ ନ ଥିଲେ ହେଁ ପାଖାପାଖି ଦେଢ଼ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଥିବା ବିଭାଗ ପକ୍ଷରୁ ଜଣାପଡ଼ିଛି। ପାଖାପାଖି ଅଧା ଅର୍ଥ ୮୦ ଲକ୍ଷ ଟଙ୍କାରେ କାମ ଆରମ୍ଭ ହୋଇଥିଲା। ଅବଶିଷ୍ଟ ଟଙ୍କା ନ ମିଳିବାରୁ କାମ ଗତ ବର୍ଷରୁ ବନ୍ଦ ରହିଛି। ଇତିମଧ୍ୟରେ ବିଭିନ୍ନ ନିର୍ମାଣ ସାମଗ୍ରୀର ମୂଲ୍ୟ ବୃଦ୍ଧି, ଶ୍ରମିକ ମଜୁରି ବୃଦ୍ଧି କାରଣରୁ ବ୍ୟୟ ଅଟକଳ ବୃଦ୍ଧି ପାଉଥିବାରୁ ସରକାରଙ୍କ ବ୍ୟାପକ ରାଜସ୍ୱ କ୍ଷତି ହେବ। ଅଧା ନିର୍ମିତ କୋଠା ବ୍ୟବହାର ହେଉ ନ ଥିବା ଏବଂ କାମ ସରିବାରେ

## ଅର୍ଥାଭାବରୁ କାମ ଅଟକିଛି

ବିଳମ୍ବ କାରଣରୁ ଧୀରେ ଧୀରେ ଦୁର୍ବଳ ହୋଇଯିବ ବୋଲି ମତପ୍ରକାଶ ପାଉଛି। ଅନ୍ୟପକ୍ଷେ ସହର ମଧ୍ୟରେ ଅଧ ନିର୍ମିତ କୋଠା ରହିଥିବାରୁ ଅସାମାଜିକ କାର୍ଯ୍ୟକଳାପ ବଢ଼ୁଛି।

ସେହିପରି ଉଦ୍ୟାନ ବିଭାଗର ଅବହେଳାରୁ ହାଟଡ଼ିହୀ ବ୍ଲକ୍‌ରେ ଜମି ମିଳୁ ନ ଥିବାରୁ ଅଫିସ ଗୃହ ନିର୍ମାଣ ନ ହୋଇ ଅନୁଦାନ ଫେରିଯାଇଛି। ତେଲକୋଇ ବ୍ଲକ୍‌ରେ ଜମି ମିଳିଛି, ଦେଢ଼ କୋଟି ଟଙ୍କା ବ୍ୟୟ ଅଟକଳ ହୋଇଛି। ମାତ୍ର ଟେଣ୍ଡରରେ ବିଳମ୍ବ କାରଣରୁ କାମ ଆଗେଇ ପାରୁନାହିଁ। ଉପଖଣ୍ଡ ମୁଖ୍ୟାଳୟରେ ବାବୁମାନେ ରହୁଛନ୍ତି। ଫିଲ୍ଡ ନ ଯାଇ ଦରମା ପାଇଥିବା ବେଳେ ବ୍ଲକ୍ ମୁଖ୍ୟାଳୟରେ ଅଫିସ ହେଲେ ସେଠାରେ ରହିବାକୁ ପଡ଼ିବ। ତେଣୁ ଅଧିକାରୀମାନେ ଅଫିସ ନିର୍ମାଣ ନେଇ ଆନ୍ତରିକତା ପ୍ରଦର୍ଶନ କରୁନାହାନ୍ତି ବୋଲି କଂଗ୍ରେସର ବରିଷ୍ଠ ନେତା ଉତ୍ତମ ସାହୁ ଅଭିଯୋଗ କରିଛନ୍ତି। କେନ୍ଦୁଝର ଉଦ୍ୟାନ ଉପନିର୍ଦ୍ଦେଶକ ସୌମେନ୍ଦ୍ର ପାଣିଗ୍ରାହୀ କହିଛନ୍ତି, ଅର୍ଥ ପାଇଁ ଗତ ବର୍ଷ ଲେଖାଯାଇଥିଲା। ଏଣୁ ଅବଶିଷ୍ଟ ଅର୍ଥ ଆସିଲେ ଜିଲା ମୁଖ୍ୟାଳୟରେ ଅବଶିଷ୍ଟ ଅଫିସ କାମ ଆରମ୍ଭ ହେବ। ହାଟଡ଼ିହୀରେ ଜମି ପାଇଁ ଆନନ୍ଦପୁର ଉପ ଜିଲାପାଳଙ୍କୁ ଜଣାଇଛନ୍ତି। ତେଲକୋଇ ବ୍ଲକ୍‌ରେ ଅଫିସ ଘର ନିର୍ମାଣ କରିବାକୁ ପଦକ୍ଷେପ ନିଆଯାଉଛି।

# ଦୁର୍ଘଟଣାରେ କେନ୍ଦୁଝର ୨ୟ

କେନ୍ଦୁଝର,୧୬।୪(ଦୀପକ ମିଶ୍ର)

ରାଜ୍ୟରେ ସଡ଼କ ଦୁର୍ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଥିବାବେଳେ କେନ୍ଦୁଝର ଜିଲା ଏଥିରେ ୨ୟ ସ୍ଥାନରେ ରହିଛି। ଦ୍ରୁତଗତିରେ ଗାଡ଼ି ଚାଳନା, ଟ୍ରାଫିକ୍ ନିୟମ ଉଲ୍ଲଂଘନ ଓ ମଦ୍ୟପାନ କରି ଗାଡ଼ି ଚଳାଇବା ଦୁର୍ଘଟଣା ବୃଦ୍ଧିର ମୁଖ୍ୟ କାରଣ ବୋଲି କୁହାଯାଉଛି। ଜିଲାରେ ଆପରାଧିକ ମାମଲା ମଧ୍ୟ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଛି।

ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (ଏନ୍‌ସିଆର୍‌ବି) ପକ୍ଷରୁ ପ୍ରକାଶିତ ୨୦୨୫ର ରିପୋର୍ଟ ଅନୁସାରେ, ରାଜଧାନୀ ଭୁବନେଶ୍ୱରରେ ସର୍ବାଧିକ ୯୩୨ଟି ସଡ଼କ ଦୁର୍ଘଟଣା ଘଟିଛି। ଜିଲାଗୁଡ଼ିକ ମଧ୍ୟରେ କେନ୍ଦୁଝରରେ ୬୯୧ଟି ଘଟଣା ରେକର୍ଡ ହୋଇଛି। କେନ୍ଦୁଝରରେ ପ୍ରତିଦିନ ସହସ୍ରାଧିକ ଟ୍ରକ୍ ଓ ଲୋଡ୍‌ର ଚଳାଚଳ କରୁଛି। ଏଥିସହ ୨ଟି ପ୍ରମୁଖ ରାଜପଥ ଜିଲା ମଧ୍ୟରେ ଯାଇଥିବାରୁ ପରିସ୍ଥିତି ଅଧିକ ଜଟିଳ ହୋଇପଡ଼ିଛି। ଅନ୍ୟାନ୍ୟ ଅପରାଧ ମାମଲାରେ ଗତବର୍ଷ ଜିଲାରେ ୧୪୦ଟି ବଳାତ୍କାର ମାମଲା ରେକର୍ଡ ହୋଇଥିବା ବେଳେ ୭୧ଟି ହତ୍ୟା, ରାହାଜାନି ୬୯ଟି, ସିନ୍ଧି ଚୋରି ୧୯୫ଟି ଓ ଚୋରି ୭୯୬ଟି, ଠକେଇ ୨୪୮ଟି ମାମଲା ରୁଜୁ ହୋଇଥିବା ବେଳେ ମୋଟ ୧୬, ୦୭୭ଟି ମାମଲା ରେକର୍ଡ ହୋଇଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ସଡ଼କ ସୁରକ୍ଷାକୁ ନଜରରେ ରଖି ଦେଶର ସର୍ବୋଚ୍ଚ ନ୍ୟାୟାଳୟ ରାଜ୍ୟ ସରକାରଙ୍କୁ କଡ଼ା ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ପୋଲିସ ପକ୍ଷରୁ ଦ୍ରୁତଗତି ନିୟନ୍ତ୍ରଣ, ହେଲ୍‌ମେଟ୍ ବାଧ୍ୟତାମୂଳକ କରାଯିବା ସହ ଟ୍ରାଫିକ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ କଡ଼ା ଅଭିଯାନ ଚାଲିଛି। ରାଜପଥର ବ୍ଲାକ୍ ସ୍ପଟ୍ ଚିହ୍ନଟ, ଯାନବାହନର ବେଗ ନିୟନ୍ତ୍ରଣ ପାଇଁ ପଦକ୍ଷେପରେ ପ୍ରାଣହାନି ୫୦ ପ୍ରତିଶତ କମିଥିବା ପୋଲିସ ସୂଚନା ଦେଇଛି। ହେଲ୍‌ମେଟ ଯାଞ୍ଚ, ଜରିମାନା ଆଦାୟରେ ମଧ୍ୟ କେନ୍ଦୁଝର ଅଗ୍ରଣୀ ସ୍ଥାନ ଅଧିକାର କରିଛି। ପ୍ରଶାସନ ପକ୍ଷରୁ ବ୍ୟାପକ ପଦକ୍ଷେପ କାରଣରୁ ଚଳିତ ବର୍ଷ କିଛି ପରିମାଣରେ ଦୁର୍ଘଟଣା କମିଥିବା ଦାବି କରାଯାଇଛି। ଜିଲା ଅତିରିକ୍ତ ଏସ୍‌ପି ସ୍ନେହାଶିଷ ସାହୁ କହିଛନ୍ତି, ୨୦୨୪ରେ ୬୯୯ ଦୁର୍ଘଟଣା ଘଟିଥିବା ବେଳେ ୨୦୨୫ ରେ ୬୯୧ ରହିଛି।

# ଅଗ୍ନି ନିରାପତ୍ତା ସଚେତନତା



ଯୋଡ଼ା,୧୬।୪(ମାନସ ମହାନ୍ତି)

ଜାତୀୟ ଅଗ୍ନିଶମ ସେବା ସପ୍ତାହ ପାଳନ ଅବସରରେ ଟାଟାଷ୍ଟିଲ ଯୋଡ଼ା ପକ୍ଷରୁ ସ୍ଥାନୀୟ ଡିଏଭି ପବ୍ଲିକ ସ୍କୁଲ୍‌ଠାରେ ଅଗ୍ନି ନିରାପତ୍ତା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଟାଟା ଷ୍ଟିଲ ଯୋଡ଼ା ସେଫ୍ଟି ବିଭାଗ ଆନୁକୂଲ୍ୟରେ ଏବଂ ସେଫ୍ଟି ଅଫିସର ସୁଜିତ ଝାଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରଙ୍କୁ ଅଗ୍ନି ନିର୍ବାପକ ଯନ୍ତ୍ରର ବ୍ୟବହାର ସମ୍ପର୍କରେ ବୁଝାଯାଇଥିଲା। ଏଥିସହ ଅଗ୍ନିର ପ୍ରକାର ଭେଦ ସମ୍ପର୍କରେ ଅବଗତ କରାଯାଇ ସେଗୁଡ଼ିକର ଲିଭାଇବା କୌଶଳ ମଧ୍ୟ ଦର୍ଶାଯାଇଥିଲା। ଛାତ୍ରୀଛାତ୍ରଙ୍କୁ ରୋବଟ ଅଗ୍ନି ନିର୍ବାପକ ଯନ୍ତ୍ର ଆକର୍ଷିତ କରିଥିଲା। ଏଥିରେ ଲାଗିଥିବା କ୍ୟାମେରା ସାହାଯ୍ୟରେ ଅପରେଟର ନିଆଁର ଅବସ୍ଥା ଦେଖି, ସେହି ହିସାବରେ ଲିଭାଇବା ପାଇଁ ପାଣିର ବ୍ୟବହାର କରିଥାଏ। କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବିଲେଇପଦାସ୍ଥିତ ଦମକଳ କେନ୍ଦ୍ରର ଷ୍ଟେଶନ ଅଫିସର ମୃତ୍ୟୁଞ୍ଜୟ ସିଂ ଏବଂ ଟିମ୍ ସହଯୋଗ କରିଥିଲେ। ଏହି ଅବସରରେ ସଚେତନତା ସୃଷ୍ଟି ପାଇଁ ଏକ ମକଡ୍ରିଲ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍କୁଲ୍‌ର ପ୍ରିନ୍ସିପାଲ, ଶିକ୍ଷୟିତ୍ରୀ, ଶିକ୍ଷକମାନେ ସହଯୋଗ କରିଥିଲେ।

# ବଜାରରେ ମିଠା ଚାରକୋଳିର ଚାହିଦା

କେନ୍ଦୁଝର,୧୬।୪
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ବଜାରରେ ବିଭିନ୍ନ ଋତୁରେ ବିଭିନ୍ନ ପ୍ରକାର ଜଙ୍ଗଲୀ ଫଳମୂଳ, କୋଳି ମିଳିଥାଏ। ଏହି କ୍ରମରେ ଏବେ ବଜାରରେ ଚାର କୋଳିର ଆସର ମେଲିଲାଣି। ଗ୍ରୀଷ୍ମଋତୁରେ ଚାରକୋଳି ଆଦିବାସୀଙ୍କୁ ଏକ ପ୍ରକାର ରୋଜଗାର ପ୍ରଦାନ କରୁଛି। ବ୍ୟାପକ ଜଙ୍ଗଲ କ୍ଷୟ ଯୋଗୁ ଆଗଭଳି କୋଳି ମିଳୁ ନ ଥିବାରୁ ବନବାସୀ ପାହାଡ଼, ଜଙ୍ଗଲରୁ ସଂଗ୍ରହ କରି ଆଣି ବଜାରରେ ବିକ୍ରି କରୁଛନ୍ତି। ବିଶେଷ କରି ସହରାଞ୍ଚଳରେ ଜଙ୍ଗଲଜାତ କୋଳିର ଚାହିଦା ଅଧିକ ରହିଛି।

ସୂଚନାଯୋଗ୍ୟ, ଚାରକୋଳି ଆମ୍ବ, ପଣସ ଭଳି ଚାଷ ହୋଇ ନ ଥାଏ। ଏହାର ବଣ ଜଙ୍ଗଲରେ ଉଠିଥାଏ। ବନବାସୀମାନେ ଏହି ଗ୍ରୀଷ୍ମ ଋତୁରେ ଟୋକେଇ, ବ୍ୟାଗ, ପାଛିଆ ଆଦି ଧରି ବଣଜଙ୍ଗଲ ତଥା ପାହାଡ଼କୁ ଯାଇ ଚାରକୋଳି ସଂଗ୍ରହ କରିଥାନ୍ତି। ଏହାକୁ ହାଟବଜାର, ସହରାଞ୍ଚଳକୁ ଆଣି ଭାଗ ଦରରେ ବିକ୍ରି କରିଥାନ୍ତି।



ଚାର କୋଳି ଭାଗ (ଚଉତିରେ) ୩୦ ଟଙ୍କାରେ ବିକ୍ରି କରିଥାନ୍ତି। କୋଳିର ମଞ୍ଜିକୁ ଶୁଖାଇ ଏଥିରୁ ସସ ବାହର କରାଯାଏ। ସସ୍‌କୁ ଶୁଖାଇ ଗୁଣ୍ଡକରି ବିଭିନ୍ନ ପ୍ରକାରର ମିଠାରେ ବ୍ୟବହାର କରାଯାଏ। ଅନେକ ଏହାକୁ ଶୁଖାଇ ଗୁଡ଼ ବା ଚିନିରେ ପାଗ କରି ବାଦାମ ଲଡ୍ଡୁ ଭଳି ତିଆରି କରିଖାଇଥାନ୍ତି। ଏହି ସସ କିଲୋ ବାହାରେ ୧୫ ଶହ ଟଙ୍କା

## ଗ୍ରୀଷ୍ମଋତୁରେ ଆଦିବାସୀଙ୍କୁ ରୋଜଗାର ଦିଏ

ପର୍ଯ୍ୟନ୍ତ ବିକ୍ରି ହୋଇଥାଏ। ବନବାସୀ ରମେଶ ନାଏକ, ରାଇବେଣୀ ମୁଣ୍ଡା କୁହନ୍ତି, ଆଗରୁ ଘର ଓ ଗାଁ ଆଖପାଖରେ ଚାର ଗଛ ଥିଲା। ଏଣୁ ଚାର ସଂଗ୍ରହ କରି ଖାଉଥିଲୁ ଓ ବଜାରରେ ବିକୁଥିଲୁ। ଗୋଟିଏ ମାସ ଭଲ ପଇସା ମିଳେ। କିନ୍ତୁ ଏବେ ଆଉ ନାହିଁ। ବହୁତ ବାଟ ଜଙ୍ଗଲ ପାହାଡ଼ରେ ଯିବାକୁ ପଡୁଛି। ସେଥିରେ ମଧ୍ୟ ବନ୍ୟପ୍ରାଣୀଙ୍କ ଭୟ ରହୁଛି। ପରିଶ୍ରମ ଅନୁସାରେ ପଇସା ମିଳୁନାହିଁ। ପାଟେଶ୍ୱର ମହାବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ସ୍ୱାଇଁ କହିଛନ୍ତି, ଯେହେତୁ ଏହାର ଚାଷ ହୋଇ ନ ଥାଏ, ଏଣୁ ଏହି ସବୁ ଗଛର ସୁରକ୍ଷା ଜରୁରୀ। ଏହା କେବଳ ବନବାସୀଙ୍କ ଅର୍ଥନୈତିକ ବିକାଶରେ ସହାୟକ ହେଉଛି ତାହା ନୁହେଁ, ଏହି ଗଛ ପରିବେଶ ସନ୍ତୁଳନ ବଜାୟୀ ରଖିବା ସହ ବନ୍ୟପ୍ରାଣୀ, ପକ୍ଷୀଙ୍କ ପାଇଁ ଖାଦ୍ୟ ଦେଇପାରୁଛି।




# ମା'ତାରିଣୀଙ୍କ ପ୍ରକଳ୍ପର ସ୍ୱଚ୍ଛତାକୁ ନେଇ ସନ୍ଦେହ

କେନ୍ଦୁଝର,୧୬।୪(ଦୀପକ ମିଶ୍ର)

ବିଶ୍ୱପ୍ରସିଦ୍ଧ ମା' ତାରିଣୀ ମନ୍ଦିରରେ ଦିନକୁ ଦିନ ପରିଚାଳନାଗତ ବିଶୃଙ୍ଖଳା ବଢ଼ି ଚାଲିଛି। କେବେ ଭକ୍ତ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତ କେବେ ହୁଣ୍ଡି ଚୋରି ଭଳି ଘଟଣା ସାମ୍ନାକୁ ଆସୁଛି। ଏହିପରି ପରିସ୍ଥିତି ସତ୍ତ୍ୱେ ମନ୍ଦିର ପାଇଁ ଟ୍ରଷ୍ଟ ବୋର୍ଡ ଗଠନ ପ୍ରକ୍ରିୟାରେ ଅହେତୁକ ବିଳମ୍ବ ହେଉଛି। ବିଜେଡି ସରକାର ସମୟରୁ ମନ୍ଦିର ପରିଚାଳନା ପାଇଁ ଟ୍ରଷ୍ଟ ବୋର୍ଡ ନ ଥିବା ବେଳେ ଭାଜପା ସରକାରରେ ମଧ୍ୟ ଟ୍ରଷ୍ଟ ବୋର୍ଡ ଗଠନ ହୋଇପାରୁନାହିଁ। ବର୍ତ୍ତମାନ କେବଳ ଜଣେ ଦେବୋତ୍ତର ଅଧିକାରୀଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ ରହିଥିବାରୁ ବିଭିନ୍ନ ସମୟରେ ସମସ୍ୟା ହେଉଥିବା ଅଭିଯୋଗ ହେଉଛି।

ସୂଚନାନୁସାରେ, ଗତ ମାସରେ ଅନୁଗୋଳର ଅତିରିକ୍ତ ଜିଲାପାଳ ତାରିଣୀ ଦର୍ଶନରେ ଆସିଥିଲେ। ଏହି ସମୟରେ ତାଙ୍କ ପ୍ରତି ସୁରକ୍ଷା କର୍ମୀଙ୍କ ଅଶୋଭନୀୟ ଆଚରଣ ନେଇ

## ୪ ବର୍ଷ ହେଲା ନାହିଁ ଟ୍ରଷ୍ଟ ବୋର୍ଡ

ବିବାଦ ସୃଷ୍ଟି ହୋଇଥିଲା। ଘଟଣା ଥାନା ପର୍ଯ୍ୟନ୍ତ ଯାଇଥିଲା। ସେପରି ହୁଣ୍ଡି ଟଙ୍କା ଚୋରି ଘଟଣାରେ ମଧ୍ୟ ଦାୟିତ୍ୱ ନିର୍ଣ୍ଣୟ ନ ହେବା ଅସନ୍ତୋଷ ବଢ଼ାଇଛି। ହାଇକୋର୍ଟଙ୍କ ରହିତାଦେଶ ପ୍ରତ୍ୟାହାର ପରେ ମନ୍ଦିର ପରିଚାଳନା ଭାର ସରକାରଙ୍କ ଅଧୀନରେ ରହିଛି। ଟ୍ରଷ୍ଟ ବୋର୍ଡ ଭଙ୍ଗହେବାକୁ ପ୍ରାୟ ୪ ବର୍ଷ ହେବାକୁ ବସିଥିବା ସତ୍ତ୍ୱେ ନୂତନ ବୋର୍ଡ ଗଠନ ନ ହେବା ଚିନ୍ତାର କାରଣ ହୋଇଛି। ଆନ୍ତରିକତାର ଅଭାବ ଥିବାରୁ ଭକ୍ତଙ୍କ ସମସ୍ୟାକୁ ଅଣଦେଖା କରାଯାଉଛି। ରାଜ୍ୟ ସରକାର ତଥା ଖୋଦ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଇତି ମଧ୍ୟରେ ୩୧୨ କୋଟି ଟଙ୍କା ବ୍ୟୟରେ ମା' ତାରିଣୀଙ୍କ ପ୍ରକଳ୍ପ ଘୋଷଣାକରି ମନ୍ଦିର ଉନ୍ନତୀକରଣ ପାଇଁ ପଦକ୍ଷେପ ଗ୍ରହଣ କରିଛନ୍ତି। ଜମି ଅଧିଗ୍ରହଣ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। କିନ୍ତୁ ଟ୍ରଷ୍ଟ ବୋର୍ଡ ନ ଥିବାରୁ ଏହି ବିପୁଳ ଅନୁଦାନର ଠିକ୍ ବ୍ୟବହାର ନେଇ ସନ୍ଦେହ ସୃଷ୍ଟି ହୋଇଛି। ସାଧାରଣତଃ ମନ୍ଦିର ପରିଚାଳନା ଟ୍ରଷ୍ଟ ବୋର୍ଡ ମାଧ୍ୟମରେ ଦୈନିକ ନୀତିନିୟମ, ଭକ୍ତଙ୍କ ସୁବିଧା ସୁନିଶ୍ଚିତ କରାଯାଉଥିଲା। ବର୍ତ୍ତମାନ ଭକ୍ତ ଅସୁବିଧାର ସମ୍ମୁଖୀନ ହେବା ସହ ଅନେକ ଅନିୟମିତତା ହେଉଥିବା ଅଭିଯୋଗ ହେଉଛି। ଏହିପରି ପରିସ୍ଥିତିରେ ମନ୍ଦିରର ସୁପରିଚାଳନା ଓ ଉନ୍ନତି ପ୍ରକଳ୍ପର ସଫଳ କାର୍ଯ୍ୟାନ୍ୱୟ ପାଇଁ ଶୀଘ୍ର ଟ୍ରଷ୍ଟ ବୋର୍ଡ ଗଠନ ଅତ୍ୟାବଶ୍ୟକ ବୋଲି ସାଧାରଣରେ ଦାବି ହୋଇଛି। ସ୍ଥାନୀୟ ଅଞ୍ଚଳର ବୁଦ୍ଧିଜୀବୀ ସଞ୍ଜୟ ମିଶ୍ର କହିଛନ୍ତି, ଦାୟିତ୍ୱରେ ଥିବା କର୍ମଚାରୀମାନେ ନିୟମିତ ଭାବେ ଉପସ୍ଥିତ ନ ଥିବାରୁ ପରିଚାଳନା ଦୁର୍ବଳ ହୋଇପଡ଼ିଛି। ଏହାର ପରିଣାମ ସ୍ୱରୂପ ଭକ୍ତମାନେ ବିଭିନ୍ନ ସମୟରେ ଅସୁବିଧା ଭୋଗୁଛନ୍ତି।

# ଧନେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ନିଯୁକ୍ତ

କେନ୍ଦୁଝର,୧୬।୪(ନରେଶ ଚନ୍ଦ୍ର ପଟ୍ଟନାୟକ)

ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ଧନେଶ୍ୱର ସେଠୀ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଭାବେ ନିଯୁକ୍ତ ହୋଇଛନ୍ତି। ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଚିଠି (ସଂଖ୍ୟା ୧୦୮୬୫/୧୬ ଅପ୍ରେଲ ୨୦୨୬)ରେ ରାଜ୍ୟପାଳଙ୍କ ଆଦେଶକ୍ରମେ କମିଶନର ତଥା ସଚିବ ସ୍ୱାସ୍ଥ୍ୟ ବିଭାଗ ଏହି ଆଦେଶ କରିଛନ୍ତି। କେନ୍ଦୁଝର ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବନବିହାରୀ ମିଶ୍ରଙ୍କୁ ସ୍ୱାସ୍ଥ୍ୟ ନିର୍ଦ୍ଦେଶଳାୟକୁ ବଦଳି କରାଯାଇଛି। ସେ ଜିଲା ମୁଖ୍ୟାଳୟରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ବରିଷ୍ଠ ପ୍ରଶାସନିକ ଗ୍ରେଡ୍ ଅଧିକାରୀ ଭାବରେ କାର୍ଯ୍ୟ କରିବେ ବୋଲି ଆଦେଶ ହୋଇଛି। ସେହିପରି ମୟୂରଭଞ୍ଜ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନ ସ୍ୱାସ୍ଥ୍ୟ ଅଧିକାରୀ ଡ. କିଶୋର କୁମାର ଆଚାର୍ଯ୍ୟଙ୍କ ବଦଳି ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟକୁ ବରିଷ୍ଠ ପ୍ରଶାସନିକ ଗ୍ରେଡ୍ ଅଧିକାରୀ ଭାବେ ହୋଇଛି। ଗତବର୍ଷ ଡ. ଧନେଶ୍ୱର ସେଠୀ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଭାବେ ଯୋଗଦେଇଥିଲେ। ଗୋଟିଏ ଦିନରେ ତାଙ୍କର ବଦଳି ବାତିଲକୁ ନେଇ ଚର୍ଚ୍ଚାର ବିଷୟ ହୋଇଥିଲା। ସେ ଆନନ୍ଦପୁର ଉପଖଣ୍ଡ ଡାକ୍ତରଖାନାରେ ଉପଖଣ୍ଡ ମୁଖ୍ୟ ଚିକିତ୍ସାଧିକାରୀ ଭାବରେ ଦୀର୍ଘ ବର୍ଷ କାମ କରିବା ପରେ ନୂଆପଡ଼ା ଜିଲା ମୁଖ୍ୟ ଚିକିତ୍ସାଧିକାରୀ ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଭାବେ ପଦୋନ୍ନତୀ ପାଇ ବଦଳି ହୋଇଥିଲେ।




# ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବ

ଛେନାପଦି/ବଉଳା,୧୬।୪(ନିରାକାର ପରିଡ଼ା/ ଦୁର୍ଗା ପ୍ରସାଦ ଆୟଚ)

କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମାଳତୀ ଆଦିକନ୍ଦ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ମହା ବିଷୁବ ପଣା ସଂକ୍ରାନ୍ତି ଅବସରରେ ଗେଡ଼ମା ପଞ୍ଚାୟତ ଜଳସରପୁରଠାରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଟ୍ରଷ୍ଟର ଅଧ୍ୟକ୍ଷ ପଦ୍ମ ଲୋଚନ ଜେନାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଭାଜପା ନେତା ପବିତ୍ର ପରିଡ଼ା, ସମ୍ମାନିତ ଅତିଥିଭାବେ ତାପସ ପରିଡ଼ା, ଶ୍ରୀ ସିଧି ହୁସେନ, ପୁଷ୍ପାଞ୍ଜଳି ଯେନା, ରୀନା ରାଣୀ ପରିଡ଼ାପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଶିକ୍ଷା ଓ ସମାଜ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ବିଶିଷ୍ଟ ଶିକ୍ଷାବିତ୍ ଓ ବିଶିଷ୍ଟ ସାମାଜିକକର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପୂର୍ବତନ ସରପଞ୍ଚ ସୁରେନ୍ଦ୍ର କାଣ୍ଡି ମଞ୍ଚ ସଂଯୋଜନା କରିଥିବା ବେଳେ ସଂଯୁକ୍ତା ଯେନା, ଅନାଦି ଚରଣ ନାୟକ, ବାସୁଦେବ ନାୟକ, ଦାମୋଦର ଯେନା ପ୍ରମୁଖ ପରିଚାଳନା କରିଥିଲେ।

# ସମତୁଲ ବାହାନାରେ ଖଣିଜ ବୋହିନେଲେ

## ସରକାରୀ ଉଦାସୀନତାରୁ ମୂଲ୍ୟବାନ୍ ଖଣିଜ ନଷ୍ଟ



ଯୋଡ଼ା,୧୬।୪(ମାନସ ମହାନ୍ତି)

ଗୋଟିଏ ପଟେ ଖଣିଜ ଚୋରା କାରବାରକୁ ପ୍ରତିହତ ପାଇଁ ରାଜ୍ୟ ସରକାର ଜିରୋ ଟଲରାନ୍ସ ନୀତି ଗ୍ରହଣ କରିଛନ୍ତି। ଅନ୍ୟପଟେ ଜବତ ହେଉଥିବା ଲୁହାପଥରକୁ ବିଭାଗୀୟ ଅବହେଳା ହେତୁ ପରିତ୍ୟକ୍ତ ଅବସ୍ଥାରେ ଛାଡ଼ି ଦିଆଯାଉଛି। ଏହାର ନିଲାମ କରା ନ ଯିବା କାରଣରୁ ଅନେକ ଶହ କୋଟି ଟଙ୍କାର ଖଣିଜ ନଷ୍ଟହେବାକୁ ବସିଲାଣି। ଏପରିକି ବହୁ ପରିମାଣରେ ଖଣିଜ ସମତୁଲ ବାହାନାରେ ଚୋରି ହୋଇଗଲାଣି। ସରକାରୀ ଉଦାସୀନତା, କାର୍ଯ୍ୟାନୁଷ୍ଠାନ ଅଭାବରୁ ମୂଲ୍ୟବାନ୍ ଖଣିଜ ନଷ୍ଟହେବା ସହ ରାଜସ୍ୱହାନି ହେଉଛି।

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳ ଅନ୍ତର୍ଗତ ବାଂଶପାଣିଠାରେ ଥିବା ପରିତ୍ୟକ୍ତ ସ୍ଥାନରେ ୨୦୦୯-୧୦ରେ ଅନେକ ହଜାର ଟନ୍ ଖଣିଜ ଖଣି ବିଭାଗ ଦ୍ୱାରା ଜବତ କରାଯାଇ ରଖାଯାଇଥିଲା। ଦୀର୍ଘ ବର୍ଷ ପଡ଼ି ରହିବା ଫଳରେ ଏଥିରେ ଗଛ, ଘାସ, ବୁଦା ଉଠିଯାଇଥିଲା। ଦୀର୍ଘ ଦିନ ହେଲା ଜମା ହୋଇପଡ଼ିଥିଲେ ହେଁ ଖଣି ବିଭାଗ ଏହାକୁ ଓଏମ୍‌ସିକୁ ହସ୍ତାନ୍ତର କରିନାହିଁ। ଫଳରେ ଏହା ନିଲାମ ହୋଇ ନ ପାରିବାରୁ ସରକାର ରାଜସ୍ୱରୁ ବଞ୍ଚିତ ହୋଇଛନ୍ତି। ତେବେ ଗତ ୨, ୩ଦିନ ହେଲା ମୂଲ୍ୟବାନ୍ ବ୍ଲୁ ଡଷ୍ଟ ଓ ସାଇଜଡ୍ ଆଇରନ ଓର୍‌କୁ ମେସିନ ଓ ଟ୍ରାକ୍ଟର ଲଗାଇ ସ୍ଥାନାନ୍ତର କରାଯାଉଥିଲା। ଖଣି ବିଭାଗ ଅବଗତ ହେବା ପରେ ଖଣି ନିରୀକ୍ଷକ ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ପଠାଇଥିଲା। ଲୁହାପଥର ଗଦା ସମ୍ପର୍କିତ ଖବର ଶୀର୍ଷକ 'ବିନା ଅନୁମତିରେ ଜବତ ଖଣିଜ ସ୍ଥାନାନ୍ତର' ଧରିତ୍ରୀରେ ପ୍ରକାଶିତ ମଧ୍ୟ ହୋଇଛି। ତେଣେ ସ୍ଥାନାନ୍ତର ହୋଇଥିବା ଏହି ଖଣିଜ ଗାଏବ ହୋଇଯାଇଥିବା ସ୍ଥାନୀୟ ଲୋକେ କହିଛନ୍ତି। ଓବିସିସିଠାରୁ କାର୍ଯ୍ୟ ନେଉଥିବା ଏକ ସଂସ୍ଥା ମେସିନ, ଟ୍ରାକ୍ଟର ଲଗାଇ ଖଣିଜକୁ ବୋହିନେଇଛି। ଏହା ସେଠାରେ ଗଦା ହୋଇଥିବା ସାଇଜ୍‌ଡ ଓର୍ ଓ ବ୍ଲୁଡଷ୍ଟ ସେଠାରେ ଆଉ ନାହିଁ। ଗଦାକୁ ସମତୁଲ କରି ଖଣିଜକୁ ପଦା କରି ଦିଆଗଲାଣି ବୋଲି ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଖଣିରୁ ଲିଜ୍‌ଧାରୀ ଖଣିଜ ପରିବହନ ବେଳେ ଖଣିଜ ଷ୍ଟାକ୍‌କୁ ସାଟେଲାଇଟ ସର୍ଭେ କରି ଏହାର ଆନାଲିସିସ୍ ପରେ ପରିବହନ ଅନୁମୋଦନ ଖଣି ବିଭାଗ କାର୍ଯ୍ୟାଳୟରୁ ମିଳିଥାଏ। ପରେ ଲିଜ୍‌ଧାରୀ ଖଣିଜକୁ ପରିବହନ କରିଥାଆନ୍ତି। ହେଲେ ରାସ୍ତା କଡ଼ରେ ଜବତ ହୋଇ ପଡ଼ି ରହିଥିବା ଅନେକ ଶହ କୋଟି ଟଙ୍କାର ଲୁହାପଥରକୁ ବୋହିନିଆଯାଉଥିଲେ ସୁଦ୍ଧା ବିଭାଗ ପକ୍ଷରୁ ତଦନ୍ତ କରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ। ମାତ୍ର ଘଟଣାକୁ ଘଣ୍ଟି ଘୋଡ଼ାଇବା ପାଇଁ ଉଦ୍ୟମ ଜାରି ରହିଥିବା କୁହାଯାଉଛି। ଏ ସଂକ୍ରାନ୍ତରେ ଯୋଡ଼ା ଖଣି ଉପ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ସେଠୀ କହିଛନ୍ତି, ଓଡ଼ିଶା ବ୍ରିଜ୍ କନ୍‌ଷ୍ଟ୍ରକଶନ କର୍ପୋରେଶନ (ଓବିସିସି) ଏହି ସ୍ଥାନଟିକୁ ସମତୁଲ କରିବା ପାଇଁ ଏହି କାର୍ଯ୍ୟ କରୁଥିଲା। ଖଣି ବିଭାଗ ଏ ସମ୍ପର୍କରେ ଜାଣିବା ପରେ କାର୍ଯ୍ୟକୁ ବନ୍ଦ କରାଇଛି। ପ୍ଲଟ୍ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ପାଇଁ ଯୋଡ଼ା ରାଜସ୍ୱ ନିରୀକ୍ଷକ ଓ ଖଣି ବିଭାଗ ଅଧିକାରୀ ଉକ୍ତ ସ୍ଥାନକୁ ଯିବେ ବୋଲି କହିଥିଲେ।

# ଋଣ ଲୋଭ ଦେଖାଇ ଲକ୍ଷାଧିକ ଟଙ୍କା ଠକେଇ

■ଫାଇନାନ୍ସ କମ୍ପାନୀ ଅଫିସ୍‌ରେ ଝୁଲୁଛି ତାଲା
■ଥାନାର ଦ୍ୱାରସ୍ଥ ହେଲେ ମହିଳା

ଭଦ୍ରକ,୧୬।୪(ସନାତନ ରାଉତ)

ଋଣ କରାଇଦେବାର ଲୋଭ ଦେଖାଇ ଏକ ଫାଇନାନ୍ସ କମ୍ପାନୀ ମହିଳାମାନଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେଇଛି। କମ୍ପାନୀର ଅଫିସ୍‌ରେ ତାଲା ଝୁଲୁଥିବା ବେଳେ ଠକାମିର ଶିକାର ହୋଇଥିବା ମହିଳାମାନେ ନ୍ୟାୟ ପାଇଁ ବୁଧବାର ରାତିରେ ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି।

ମହିଳାମାନେ ଅଭିଯୋଗରେ ଦର୍ଶାଇଛନ୍ତି, ଭଦ୍ରକ ପୌରପାଳିକାର ଅପର୍ତ୍ତିବିନ୍ଧା ନିଉ କଲୋନୀରେ ଏକ ଭଡ଼ା ଘରେ ଉକ୍ତ କମ୍ପାନୀ ଅଫିସ୍ ଖୋଲିଥିଲା। କମ୍ପାନୀର କେତେଜଣ କର୍ମଚାରୀ ବିଭିନ୍ନ ଅଞ୍ଚଳର ମହିଳା ଗୋଷ୍ଠୀଙ୍କୁ ମୋଟା ଅଙ୍କର ଋଣ ପ୍ରଦାନ କରିବାକୁ ଲୋଭ ଦେଖାଇ ସେମାନଙ୍କୁ ପ୍ରଥମେ ୩୨୦୦ ଟଙ୍କା ଡିପୋଜିଟ୍ କରିବାକୁ କହିଥିଲେ। ପରେ ଋଣ ଟଙ୍କା ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ ବୋଲି କହିଥିଲେ। ଏଥିରେ ପ୍ରଲୋଭିତ ହୋଇ ଅନେକ ମହିଳା ଓ ପୁରୁଷ ଗୋଷ୍ଠୀ ଗଠନ କରି ସମ୍ପୃକ୍ତ ସଂସ୍ଥାରେ ଜଣକ ପିଛା ୩୨୦୦ ଟଙ୍କା ଡିପୋଜିଟ କରିଥିଲେ। ମାତ୍ର ଡିପୋଜିଟ୍‌ର ୨ ସପ୍ତାହ ବିତିଯାଇଥିଲେ ମଧ୍ୟ ସେମାନଙ୍କୁ ଋଣ ମିଳି ନ ଥିଲା। ସମ୍ପୃକ୍ତ କର୍ମଚାରୀ ବିଭିନ୍ନ ବାହାନା କରି ବାରମ୍ବାର ଦିନ ଗଡ଼ାଇ ଚାଲିଥିଲେ। ବୁଧବାର ସେମାନଙ୍କୁ ଅଫିସରେ ନଗଦ ଟଙ୍କା ଦିଆଯିବ ବୋଲି କହିବା ପରେ ବହୁ ମହିଳା ସେଠାକୁ ଆସିଥିଲେ। କିନ୍ତୁ ଅଫିସ୍‌ରେ ତାଲା ଝୁଲୁଥିବା ଦେଖିବା ପରେ ସେମାନଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ରାତି ୮ଟା ପର୍ଯ୍ୟନ୍ତ ସେଠାରେ ଅପେକ୍ଷା କରିଥିଲେ ମଧ୍ୟ କର୍ମଚାରୀଙ୍କ ଦେଖା ମିଳି ନ ଥିଲା କି ଅଫିସ ଖୋଲାଯାଇ ନ ଥିଲା। ପରେ ଫୋନ୍ କରିବାରୁ କର୍ମଚାରୀଙ୍କ ନମ୍ବର ସୁଇଚ୍ ଅଫ୍ ଥିଲା। ସେମାନେ ଠକାମିର ଶିକାର ହୋଇଥିବା ଜାଣିବା ପରେ ଟାଉନ ଥାନାର ଦ୍ୱାରସ୍ଥ ହୋଇ ଏନେଇ ଲିଖିତ ଅଭିଯୋଗ କରିଛନ୍ତି। ଭଦ୍ରକ ବ୍ଲକ କୋଡ଼ବରୁଆଁ ଗ୍ରାମର ଅନ୍ନପୂର୍ଣ୍ଣା ମଣ୍ଡଳ ଓ ପଲ୍ଲୀ ଗ୍ରାମର ଲକ୍ଷ୍ମୀପ୍ରିୟା ସାହୁ କହିଛନ୍ତି, ଉକ୍ତ ସଂସ୍ଥାର କର୍ମଚାରୀମାନେ ପଲ୍ଲୀ, ପଗଡ଼, କ୍ଷେତ୍ରପାଳ, ବାସୁଦେବପୁର, ବାଲିଖଣ୍ଡ ଆଦି ଅଞ୍ଚଳରୁ ଲକ୍ଷାଧିକ ଟଙ୍କା ଠକି ନେଇଛନ୍ତି। ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ସହ ଟଙ୍କା ଫେରସ୍ତ ପାଇଁ ମହିଳାମାନେ ଦାବି କରିଛନ୍ତି। ଅଭିଯୋଗ ଆଧାରରେ ତଦନ୍ତ ଚାଲିଛି ବୋଲି ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର କହିଛନ୍ତି।


ଠକେଇରେ ଶିକାର ହୋଇଥିବା ମହିଳାମାନେ।

# ସିବିଏସ୍‌ଇ ୧୦ମ ପରୀକ୍ଷାରେ ଏସ୍‌ବିଡି ସ୍କୁଲର ସଫଳତା

ଭଦ୍ରକ,୧୬।୪(ସନାତନ ରାଉତ)

ସିବିଏସ୍‌ଇ ୧୦ମ ପରୀକ୍ଷାରେ ଭଦ୍ରକର ଏସ୍‌ବିଡି ଇଣ୍ଟର ନ୍ୟାଶନାଲ ସ୍କୁଲର ଛାତ୍ରୀଛାତ୍ର ସଫଳତା ହାସଲ କରିଛନ୍ତି। ଛାତ୍ର ଅଂଶୁମାନ ମୋହନ ନାୟକ ସର୍ବାଧିକ ୯୯.୪ ପ୍ରତିଶତ ମାର୍କ ରଖିଥିବା ବେଳେ ଛାତ୍ରୀ ସୌମ୍ୟାସ୍ମୃତି ଦାସ ୯୯.୨ ପ୍ରତିଶତ, ଆସ୍ଥା ନାୟକ ଏବଂ ବୀରଭଦ୍ର ବଳ ଉଭୟ ୯୯ ପ୍ରତିଶତ ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି। ୩୩ଜଣ ୯୫ ପ୍ରତିଶତରୁ ଅଧିକ ଏବଂ ୫୨ଜଣ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଛନ୍ତି। ସେହିପରି ଇଂରାଜୀରେ ୭୦ ଛାତ୍ରୀଛାତ୍ର ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ଓଡ଼ିଆରେ ୪୪ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖିଛନ୍ତି। ସ୍କୁଲ ଅଧକ୍ଷ ଯୁଧିଷ୍ଠିର ଦେବତା, ପ୍ରତିଷ୍ଠାତା ଆନନ୍ଦାନନ୍ଦ ଦୀକ୍ଷିତ, ଚେୟାରମ୍ୟାନ ଦେବାଶିଷ ଦୀକ୍ଷିତ, ମ୍ୟାଡାମ ଆଶାବରୀ କର, ପରିଚାଳନା ନିର୍ଦ୍ଦେଶକ ବିଦ୍ୟାଧର ଅଗସ୍ତି, ମ୍ୟାଡାମ ବନ୍ଦିତା ଦୀକ୍ଷିତ, ମାର୍ଗଦର୍ଶକ ପ୍ରଫେସର ଶୈଳେନ୍ଦ୍ର ମହାପାତ୍ର, ଦେବେନ୍ଦ୍ର ଶତପଥୀ, ଶିକ୍ଷାବିତ୍ ବିପିନ ବିହାରୀ କରଙ୍କ ସମେତ ସମସ୍ତ ଶକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ଛାତ୍ରୀଛାତ୍ର ଲକ୍ଷ୍ୟ ସ୍ଥିର ସହ ଆତ୍ମବିଶ୍ୱାସ ଦୃଢ଼ ରଖିବାକୁ ପରାମର୍ଶ

ବନ୍ତ,୧୬।୪(ହରି ନାରାୟଣ ମହାନ୍ତି/ କିଶୋର କୁମାର ସେଠୀ)

ଛାତ୍ରୀଛାତ୍ର ନିଜର ଲକ୍ଷ୍ୟ ସ୍ଥିର କରିବା ସହ ଆତ୍ମବିଶ୍ୱାସ ଦୃଢ଼ କରିପାରିଲେ ଜୀବନରେ ବଡ଼ ମଣିଷ ହୋଇପାରିବେ ବୋଲି ବୁଧବାର ସନ୍ଧ୍ୟାରେ ବନ୍ତସ୍ଥିତ ଚାରୁଚନ୍ଦ୍ର ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୧୫ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଧାମନଗର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ତଥା କଥାକାର ଡ. ପବିତ୍ର ପାଣିଗ୍ରାହୀ କହିଥିଲେ। ଶିକ୍ଷାବିତ୍ ଗୋବିନ୍ଦ ଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟବକ୍ତା ସୋରସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲର ପରିଚାଳନା ନିର୍ଦ୍ଦେଶକ ଅଶୋକ କୁମାର ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ କଟକସ୍ଥିତ ଶୈଳବାଳା ସ୍ୱୟଂଶାସିତ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରଫେସର ସରେଶ କୁମାର ନାୟକ ଯୋଗ ଦେଇଥିଲେ। ଶିକ୍ଷକ ରାଜୀବ ଲୋଚନ ସାହୁ ମଞ୍ଚ ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ କୁମାର ଜେନା ବାର୍ଷିକ ବିବରଣୀ ପାଠ କରିଥିଲେ।

ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଏଥିସହ ଜାତୀୟ ପୁରସ୍କୃତ ବ୍ଲୁମ୍ ଅଲମ୍ପିୟାଡ୍ ଟ୍ରାଇ ଆରାଧ୍ୟା ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟର ୬ଷ୍ଠ ଶ୍ରେଣୀର ଛାତ୍ର ତଥା ଜାତୀୟ ପୁରସ୍କୃତ ସାଇ ପ୍ରକାଶ ନାୟକଙ୍କ ଦ୍ୱାରା ଯୋଗ ପ୍ରଦର୍ଶନ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଶିକ୍ଷକ ପ୍ରଦୀପ୍ତ କୁମାର ନାୟକ, ଅନ୍ତର୍ଯ୍ୟାମୀ ବେହେରା, ଲକ୍ଷ୍ମୀଧର ଜେନା, ହିମାଂଶୁ ଶେଖର ବେହେରା, ଶିକ୍ଷୟିତ୍ରୀ ସ୍ମୃତିରେଖା ଦାସ, ମନ୍ଦାକିନୀ ଭାଇରାୟ, ପ୍ରଜ୍ଞା ପରମିତା ପାଇକରାୟ, ଶ୍ରାବଣୀ ସଙ୍ଗୀତା ସାହୁ, ରେହେମାତୁନ ଖାତୁନ, ସବନମ୍ ଖାତୁନ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ବିଦ୍ୟାଳୟର ବାର୍ଷିକ ଉତ୍ସବରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ପୂର୍ବତଟ ରେଳବାଇ ଶ୍ରମିକ କଂଗ୍ରେସର ସମ୍ବର୍ଦ୍ଧନା ସଭା

ଭଦ୍ରକ,୧୬।୪(ସନାତନ ରାଉତ)

ପୂର୍ବତଟ ରେଳବାଇ ଶ୍ରମିକ କଂଗ୍ରେସ ଭଦ୍ରକ ଶାଖା ପକ୍ଷରୁ ଗୁରୁବାର ଚରମ୍ପାସ୍ଥିତ ଷ୍ଟେଶନ ପରିସରରେ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଳାସପୁରଠାରେ ଗତ ୧୧ ତାରିଖରେ ଶେଷ ହୋଇଥିବା ୨୪୩ତମ କାର୍ଯ୍ୟକାରୀ କମିଟି ବୈଠକରେ ଭଦ୍ରକର ରେଳ କର୍ମଚାରୀ ଶ୍ରୀଧର ପୁହାଣ ନୂଆଦିଲ୍ଲୀର କାର୍ଯ୍ୟକାରୀ କମିଟି ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଶ୍ରମିକ କଂଗ୍ରେସ ଭଦ୍ରକ ଶାଖାର ସମ୍ପାଦକ ଅଶୋକ କୁମାର ମହାନ୍ତି, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ ଶ୍ରୀଧରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ନୂତନ ପଦବୀ ମିଳିବା ପରେ ଭଦ୍ରକ ରେଲ୍‌ୱେ କର୍ମଚାରୀମାନେ ତାଙ୍କୁ ସ୍ୱାଗତ କରିଛନ୍ତି।



ରେଳ କର୍ମଚାରୀ ଶ୍ରୀଧର ପୁହାଣଙ୍କୁ ସ୍ୱାଗତ କରାଯାଉଛି।

# ପିଅନଙ୍କ ଭରସାରେ ସ୍କୁଲ

## ଜନଗଣନାରେ ନିୟୋଜିତ ୩ ଶିକ୍ଷକ

ଧୁଷୁରୀ,୧୬।୪(ଦୀପ୍ତିରଞ୍ଜନ ନାୟକ)

ବିଦ୍ୟାଳୟର ଶିକ୍ଷକମାନେ ଜନଗଣନା କାର୍ଯ୍ୟରେ ନିୟୋଜିତ ଥିବାବେଳେ ପିଅନଙ୍କ ଭରସାରେ ସ୍କୁଲ ଖୋଲାଥିଲା। ଚାନ୍ଦବାଲି ବ୍ଲକ ସୁନ୍ଦରପୁର ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରକାଶ ଯେ, ବିଦ୍ୟାଳୟରେ କାର୍ଯ୍ୟରତ ଜଣେ ପିଅନ ସ୍କୁଲ ବାରଣ୍ଡାରେ ଛିଡ଼ାହୋଇ ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପାଟି ନ କରିବାକୁ କହୁଥିବା ଦେଖିବାକୁ ମିଳିଥିଲା। ପ୍ରଧାନଶିକ୍ଷକଙ୍କ ସମେତ ଅନ୍ୟ ୨ଜଣ ଶିକ୍ଷକ ଅନୁପସ୍ଥିତ ଥିଲେ। ଜନଗଣନା କାର୍ଯ୍ୟରେ ସେମାନେ ଧାମରା ଅଞ୍ଚଳକୁ ଯାଇଥିବା ଜାଣିବାକୁ ମିଳିଥିଲା। ଖବର ପାଇ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ବ୍ରଜକିଶୋର ପଣ୍ଡା ଓ କେତେଜଣ ସଭ୍ୟ ବିଦ୍ୟାଳୟରେ ପହଞ୍ଚି ଶିକ୍ଷକଙ୍କ ଅନୁପସ୍ଥିତିକୁ ନେଇ ଉଦ୍‌ବେଗ ପ୍ରକାଶ କରିଥିଲେ। ସମସ୍ତ ଶିକ୍ଷକଙ୍କୁ କିପରି ଜନଗଣନା କାର୍ଯ୍ୟରେ ନିୟୋଜିତ କରାଯାଇଛି ବୋଲି ସେମାନେ ପ୍ରଶ୍ନ ଉଠାଇଥିଲେ। ଶିକ୍ଷାବିତ୍ ସଦାନନ୍ଦ ମଲିକ ଏନେଇ ବ୍ଲକ ଶିକ୍ଷାଧିକାରୀଙ୍କୁ ପଚାରିବାରୁ ମଠଡିହ ନୋଡାଲ ଉଚ୍ଚ ବିଦ୍ୟାଳୟରୁ ଜଣେ ଶିକ୍ଷକଙ୍କୁ ଏହି ସ୍କୁଲରେ ପଢ଼ାଇବା ପାଇଁ ପଠାଯାଇଥିବା କହିଥିଲେ। ତେବେ ଉକ୍ତ ଶିକ୍ଷକ ସକାଳ ୯ଟାରେ ପହଞ୍ଚି କେବଳ ଦଶମ ଶ୍ରେଣୀ ପିଲାଙ୍କୁ ପଢ଼ାଇଥିବା ବେଳେ ନବମ ଶ୍ରେଣୀ ଛାତ୍ରୀଛାତ୍ର ବସି ବସି ଆସିଥିଲେ। ଅଭିଭାବକମାନେ ଏହା ଜାଣିବା ପରେ କ୍ଷୋଭ ପ୍ରକାଶ କରିବା ସହ ବ୍ଲକ ଶିକ୍ଷାଧିକାରୀ ଓ ତହସିଲଦାରଙ୍କ ଏପରି ଜନଗଣନା ପ୍ରକ୍ରିୟାକୁ ନିନ୍ଦା କରିଛନ୍ତି। ବିଦ୍ୟାଳୟରେ ଅତିକମ୍‌ରେ ୨ଜଣ ଶିକ୍ଷକ ରହିବାକୁ ସେମାନେ ଦାବି ଜଣାଇଛନ୍ତି। ନିକଟରେ ମଠଡିହ ସ୍କୁଲରେ ୧୩ଜଣ ଶିକ୍ଷକ ଥିଲାବେଳେ କେବଳ ଜଣେ ଶିକ୍ଷକଙ୍କୁ ଏହି କାର୍ଯ୍ୟରେ ନିୟୋଜିତ କରାଯିବା କେତେଦୂର ଯୁକ୍ତିଯୁକ୍ତ ବୋଲି ସେମାନେ ପ୍ରଶ୍ନ କରିଛନ୍ତି। ଏନେଇ ବ୍ଲକ ଶିକ୍ଷାଧିକାରୀଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ। ଜିଲା ଶିକ୍ଷାଧିକାରୀ ଜଗବନ୍ଧୁ ସାହୁଙ୍କୁ ପଚାରିବାରୁ ଏହି ବିଷୟରେ ସେ କିଛି ଜାଣି ନ ଥିବା କହିବା ସହ ଜନଗଣନା କାର୍ଯ୍ୟରେ ସମସ୍ତେ ସହଯୋଗ କରିବା ଉଚିତ ବୋଲି କହିଛନ୍ତି।



ସୁନ୍ଦରପୁର ଦଧିବାମନ ଜୀଉ ଉଚ୍ଚ ବିଦ୍ୟାଳୟରେ ପିଅନ ସ୍କୁଲ ଜଗିଛନ୍ତି।

# 'ନୂତନତ୍ୱକୁ ଆବାହନ କରେ ବିଷୁବ ସଂକ୍ରାନ୍ତି'

ଭଦ୍ରକ,୧୬।୪(ସନାତନ ରାଉତ)

ଆମ ମାତୃଭାଷା ପରିଷଦର ବିଷୁବ ସଂକ୍ରାନ୍ତି ଆସରର ୯ମ ସ୍ୱନକ୍ଷତ୍ର ଦିବସ ମଙ୍ଗଳବାର ଭଦ୍ରକ ସାମରାଇପୁରସ୍ଥିତ ପ୍ରତିଷ୍ଠାତା ସମ୍ପାଦକ ଡା. ଅନିଲ କୁମାର ଦାଶଙ୍କ ଗୁରୁକୃପା ଭବନରେ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ଅଧିବକ୍ତା ପର୍ଶୁରାମ ଦ୍ୱିବେଦୀଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଶୁଭ୍ରକାନ୍ତି ଦାଶ ଉଦ୍‌ଘାଟନ କରିଥିଲେ। 'ଆମ ମାଟିରେ ବିଷୁବ ସଂକ୍ରାନ୍ତି' ଶୀର୍ଷକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପ୍ରାଧ୍ୟାପକ ଡ. ଗିରିଶ ବିହାରୀ ମିଶ୍ର, ମୁଖ୍ୟବକ୍ତା ଗ୍ରନ୍ଥକାର ଡ. ପ୍ରଫୁଲ୍ଲ କୁମାର ସାହୁ, ଅନ୍ୟତମ ଅତିଥି ଭାବେ ସାହିତ୍ୟିକ ଅମିତାଭ ଖିଲାର, ସନ୍ତୋଷ କୁମାର ନନ୍ଦ, କାର୍ଯ୍ୟକାରୀ ସଭାପତି ନୀହାର ରଞ୍ଜନ କର, ପୀତାମ୍ବର ଦାଶ, ଅଧ୍ୟାପକ ଡ. ରମାକାନ୍ତ ନାୟକ, ଲକ୍ଷ୍ମଣ କୁମାର ମହାନ୍ତି, ଶିକ୍ଷାବିତ୍ ପାର୍ଥସାରଥି ମହାନ୍ତି, ପୂର୍ଣ୍ଣଚନ୍ଦ୍ର ବହଳୀ, ଡ. ନିତ୍ୟାନନ୍ଦ ମିଶ୍ର, ହୃଷୀକେଶ ପତି, ଅଧ୍ୟାପକ ମାଧବ ଚନ୍ଦ୍ର ଜେନା, ଗଦାଧର ଦାସ ପ୍ରମୁଖ ଯୋଗ ଦେଇଥିଲେ। ବିଷୁବ ସଂକ୍ରାନ୍ତି ନୂତନତ୍ୱ ତଥା ଓଡ଼ିଆ ନୂତନ ବର୍ଷକୁ ଆବାହନ କରେ ଓ ନୂତନ ପଞ୍ଜିକା ଆରମ୍ଭ ହୁଏ ବୋଲି ଅତିଥିମାନେ କହିଥିଲେ। ଏହି ଅବସରରେ ସଙ୍ଗୀତ ନାଟକ ଏକାଡେମୀ ପୁରସ୍କାରପ୍ରାପ୍ତ ନାଟ୍ୟକାର ଗୌରାଙ୍ଗ ଚନ୍ଦ୍ର ବାରିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଧ୍ୟାପିକା ଡ. ମମତା ସାହୁ ଓ କବୟିତ୍ରୀ ମାନସୀବାଳା ସୂତାରଙ୍କ ସଂଯୋଜନାରେ ଆୟୋଜିତ କବିତା ଆସରରେ ବହୁ କବି ସ୍ୱରଚିତ ବିଷୁବ କବିତା ପାଠ କରିଥିଲେ। କେଦାରନାଥ ମହାପାତ୍ର ବେଦପାଠ, ମମତାରାଣୀ ମହାନ୍ତି ଅତିଥି ପରିଚୟ ପ୍ରଦାନ ଓ ସହସମ୍ପାଦିକା ମମତାରାଣୀ ଦାଶ ମିଶ୍ର ମଞ୍ଚ ପରିଚାଳନା କରିଥିଲେ। ଶିକ୍ଷାବିତ୍ ସନ୍ତୋଷ କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

# ଦେଶୀମଦ ବୋଝେଇ ବୋଲେରୋ ଜବତ, ଜଣେ ଗିରଫ

ଭଦ୍ରକ,୧୬।୪ (ସନାତନ ରାଉତ)

୧୬ନଂ. ଜାତୀୟ ରାଜପଥର ଭଦ୍ରକ ସହର ବନ୍ତଛକ ଓଭରବ୍ରିଜ୍ ଉପରେ ବୁଧବାର ରାତିରେ ଏକ ଦେଶୀ ମଦ ବୋଝେଇ ବୋଲେରୋକୁ ଟାଉନ ପୋଲିସ ଜବତ କରିଛି। ବୋଲେରୋରୁ ୧୨୦୦ ଲିଟର ଦେଶୀ ମଦ ଜବତ କରାଯାଇଥିବା ବେଳେ ଚାଳକଙ୍କୁ ଗିରଫ କରାଯାଇଛି। ଗିରଫ ଡ୍ରାଇଭର ହେଲେ ଇଚ୍ଛାପୁରର ରଞ୍ଜିତ ନାୟକ। ସୂଚନା ଅନୁଯାୟୀ, ପୋଲିସ ପାଟ୍ରୋଲିଂ ବେଳେ କେନ୍ଦୁଆପଦା ଅଞ୍ଚଳରୁ ଏକ ଦେଶୀ ମଦ ବୋଝେଇ ହୋଇଥିବା ବୋଲେରୋ ଆସୁଥିବା ବିଶେଷ ସୂତ୍ରରୁ ପୋଲିସ ଖବର ପାଇଥିଲା। ଉକ୍ତ ଗାଡ଼ିକୁ ଧରିବା ପାଇଁ ରାଜପଥରେ ଏକାଧିକ ସ୍ଥାନରେ ପୋଲିସ ପକ୍ଷରୁ ନାକାବନ୍ଦୀ କରାଯାଇଥିଲା। ମଦ ବୋଝେଇ ବୋଲେରୋ ଦ୍ରୁତଗତିରେ ଖସିଯିବାକୁ ଚେଷ୍ଟା କରୁଥିବା ବେଳେ ବନ୍ତଛକ ଓଭରବ୍ରିଜ୍ ଉପରେ ପୋଲିସ ଅଟକାଇବାକୁ ସକ୍ଷମ ହୋଇଥିଲା। ଡ୍ରାଇଭର ଖସି ପଳାଇ ଯାଉଥିବା ବେଳେ ପୋଲିସ ତାଙ୍କୁ ଧରିଥିଲା। ଗାଡ଼ି ଭିତରେ ୧୨ଟି ବ୍ୟାଗ୍‌ରେ ଥିବା ୧୨୦୦ ଲିଟର ଦେଶୀ ମଦ ଜବତ କରାଯାଇଛି। ଏହି ମଦ ବୋଝେଇ ଗାଡ଼ି ଇଚ୍ଛାପୁରକୁ ଯାଉଥିଲା ବୋଲି ଟାଉନ ଥାନାଧିକାରୀ ପ୍ରଭାଂଶୁ ମିଶ୍ର ସୂଚନା ଦେଇଛନ୍ତି। ଏନେଇ ଏକ ମାମଲା (ନଂ. ୨୫୨/୨୬) ରୁଜୁ ହୋଇଛି।

# ଅଲେଖ ମହିମା ସେବା ସଂଘ ପକ୍ଷରୁ ଜଳଛତ୍ର

ଭଦ୍ରକ,୧୬।୪(ରବିନାରାୟଣ ଖିଲାର)

ପ୍ରବଳ ଗ୍ରୀଷ୍ମପ୍ରବାହକୁ ଲକ୍ଷ୍ୟ ରଖି ଭଦ୍ରକ ଅଲେଖ ମହିମା ସେବା ସଂଘ ପକ୍ଷରୁ ଗୁରୁବାର ଚରମ୍ପାସ୍ଥିତ ଆଇଟିଆଇ କଲେଜ ନିକଟରେ ଜଳଛତ୍ର ଖୋଲାଯାଇଛି। ଗ୍ରୀଷ୍ମପ୍ରବାହ ଶେଷ ପର୍ଯ୍ୟନ୍ତ ଏହି ଜଳଛତ୍ର ଚାଲୁ ରହିବ ବୋଲି ସଂଘର ଅଲେଖ ସାହୁ କହିଛନ୍ତି। ସେହିପରି ବାଇପାସ୍‌ଠାରେ ଯୁବ ବ୍ୟବସାୟୀ ତ୍ରିଲୋଚନ ବାରିକ, ରାମ ନବମୀ କମିଟି, ଯୁବ ଯାଦବ ମହାସଭା ପକ୍ଷରୁ ଦହି ସର୍ବତ ଯାତ୍ରୀମାନଙ୍କୁ ପ୍ରଦାନ କରାଯାଇଛି। ଗାଳ୍ପିକ ପବିତ୍ର ପାଣିଗ୍ରାହୀ, ରାଜ୍ୟ ଯୁବ ଯାଦବ ସଭାପତି ଅମର କୁମାର ନାୟକ, ସୁରେନ୍ଦ୍ର ରାୟ, ହରେକୃଷ୍ଣ ସାହୁ, ସୁରେଶ ମହାନ୍ତି ପ୍ରମୁଖ ନେତୃତ୍ୱ ନେଇଛନ୍ତି।

# ପଦଯାତ୍ରାରେ ମହିଳାଙ୍କ ତିହିଡ଼ି ବଜାର ପରିକ୍ରମା

ତିହିଡ଼ି,୧୬।୪(ସଞ୍ଜିତ ବଳ)

ନାରୀଶକ୍ତି ବନ୍ଦନ ଅଧିନିୟମକୁ ସମର୍ଥନ ଜଣାଇବା ଲକ୍ଷ୍ୟରେ ଭଦ୍ରକ ତେଜସ୍ୱିନୀ ମହିଳା ସଙ୍ଗଠନ ପକ୍ଷରୁ ଗୁରୁବାର ପୂର୍ବାହ୍ନରେ ପଦଯାତ୍ରା କରାଯାଇଛି। ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ କାର୍ଯ୍ୟାଳୟଠାରୁ ଶତାଧିକ ମହିଳା ଓ ଭାଜପା କାର୍ଯ୍ୟକର୍ତ୍ତା ପଦଯାତ୍ରାରେ ବାହାରି ତିହିଡ଼ି ବଜାର ପରିକ୍ରମା କରିବା ପରେ ସ୍ଥାନୀୟ ଦୀନଦୟାଲ ଭବନ ନିକଟରେ ପହଞ୍ଚିଥିଲେ। ସଙ୍ଗଠନ କର୍ମକର୍ତ୍ତାଙ୍କ ସହ ଭାଜପା ମଣ୍ଡଳ ସଭାପତି ସରୋଜ କୁମାର ନାୟକ, କେଶବ ବେହେରା, ସାଇଶରଣ ବେହେରା, ବରିଷ୍ଠ ନେତା ସୁବାସ ସେଠୀ, ଭରତ ସାହୁ, ରାଜକିଶୋର ନାୟକ ପ୍ରମୁଖ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

ପରେ ସଙ୍ଗଠନ ସଭାନେତ୍ରୀ କଳ୍ପନା ଜେନାଙ୍କ ପୌରୋହିତ୍ୟରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ତିହିଡ଼ି ଥାନା ଆଇଆଇସି ଲୋପାମୁଦ୍ରା ନାୟକ, ମୁଖ୍ୟବକ୍ତା ଡ. ରାଧାରାଣୀ ମହାପାତ୍ର, ଅନ୍ୟତମ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଉପାଧ୍ୟକ୍ଷା ରଞ୍ଜିତା ସ୍ୱାଇଁ, ମଙ୍ଗଳପୁର ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, ଲଙ୍କେଶ୍ୱରୀ ମଣ୍ଡଳ ସଭାନେତ୍ରୀ ଅନୀତା ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପରିବାର ସହ ସମାଜକୁ ସଂସ୍କାରିତ କରିବାରେ ନାରୀର ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ ବୋଲି ଅତିଥିମାନେ କହିଥିଲେ। ସଭା ଆରମ୍ଭରେ 'ବନ୍ଦେ ମାତରମ୍' ସଙ୍ଗୀତ ପରିବେଷଣ ହୋଇଥିଲା। ଜାନକୀ ପାଢ଼ୀ ଦେଶାତ୍ମବୋଧକ ସଙ୍ଗୀତ ଗାନ କରିଥିଲେ। ଉପସଭାନେତ୍ରୀ ଚୈତାଳି ଖିଲାର ସ୍ୱାଗତ ଭାଷଣ, ପୂର୍ବତନ ସରପଞ୍ଚ ଝରଣା ଜେନା ଅତିଥି ପରିଚୟ ଏବଂ ସମ୍ପାଦିକା ଅଞ୍ଜନା ମିଶ୍ର ଧନ୍ୟବାଦ ଦେଇଥିଲେ। ଏମ୍‌ପିଙ୍କ ପ୍ରତିନିଧି ସିତାକାନ୍ତ ନାୟକ, ଜିଲା ଉପସଭାପତି ରଘୁନାଥ ପାତ୍ର, ମୁକ୍ତିକାନ୍ତ ନାୟକ, ଆଲୋକଜ୍ୟୋତି ମହିଳା ଫେଡେରେଶନ ସମ୍ପାଦିକା କଲ୍ୟାଣୀ ଦାସ, ଗାୟତ୍ରୀ କର, ଶୁଚିସ୍ମିତା ସାହୁ, ଭାଟପଡ଼ା ସରପଞ୍ଚ ଶୁଭ୍ରନାରାୟଣ ସେଠୀ ପ୍ରମୁଖ ଯୋଗ ଦେଇଥିଲେ।



ତେଜସ୍ୱିନୀ ମହିଳା ସଙ୍ଗଠନ ପକ୍ଷରୁ ବାହାରିଥିବା ପଦଯାତ୍ରା।

# ନାରୀ ଶକ୍ତି ବନ୍ଦନ ପଦଯାତ୍ରା

ଭଦ୍ରକ,୧୬।୪(ସନାତନ ରାଉତ/ ରବିନାରାୟଣ ଖିଲାର)

'ସଶକ୍ତ ନାରୀ, ସଶକ୍ତ ଭାରତ' ଆହ୍ୱାନକୁ ସାକାର ପାଇଁ ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ସମର୍ଥନ ଜଣାଇ ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ଗୁରୁବାର ସକାଳ ୯ଟାରେ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରୁ ବହୁ ମହିଳା ପଦଯାତ୍ରାରେ ଟାଉନ ହଲ୍ ପର୍ଯ୍ୟନ୍ତ ଯାଇଥିଲେ। ପଦଯାତ୍ରାରେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାମାଜିକ, ଆର୍ଥିକ ଓ ଶିକ୍ଷା କ୍ଷେତ୍ରରେ ନାରୀମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲାପାଳ ଦିଲୀପ ରାଉତରାଏ ଯୋଗଦେଇ ନାରୀମାନଙ୍କ ସୁରକ୍ଷା ଓ ସବୁ କ୍ଷେତ୍ରରେ ସମାନ ଅଧିକାର ସୁନିଶ୍ଚିତ କରିବା ଦିଗରେ ପ୍ରଶାସନ ଗୁରୁତ୍ୱ ଦେଉଛି ବୋଲି କହିଥିଲେ। ରାଜ୍ୟ ମହିଳା ଓ ଶିଶୁ ସୁରକ୍ଷା ଆୟୋଗ ସଦସ୍ୟା ମନସ୍ମିତା ଖୁଣ୍ଟିଆ, ଜିଲା ଭାଜପା ସଭାପତି ଭଗବାନ ପଣ୍ଡା, ଉତ୍କଳ ସମ୍ମିଳନୀର ଜିଲା ସଭାନେତ୍ରୀ ଝରଣା ପଟ୍ଟନାୟକ ପ୍ରମୁଖ ଯୋଗଦେଇ ପଞ୍ଚାୟତରୁ ପାର୍ଲାମେଣ୍ଟ ପର୍ଯ୍ୟନ୍ତ ମହିଳାଙ୍କ ପାଇଁ ଆରକ୍ଷଣ ବ୍ୟବସ୍ଥା କରିବାକୁ ଯାଉଥିବା ନାରୀ ଶକ୍ତି ବନ୍ଦନ ଅଧିନିୟମ ସମଗ୍ର ଦେଶରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ବୋଲି ମତ ରଖିଥିଲେ। ନାରୀନେତ୍ରୀ କଳ୍ପନା ଜେନା, ଅଞ୍ଜନା ମିଶ୍ର, ଚଇତାଳି ଖିଲାର, ସୁମିତ୍ରା ପାଣି ପ୍ରମୁଖ ଏଥିରେ ସାମିଲ ଥିଲେ।


ପଦଯାତ୍ରାରେ ଅତିଥିଙ୍କ ସହ ମହିଳାମାନେ।

# ରାସଗୋବିନ୍ଦପୁର ଥାନାରେ ୩ ମାମଲା

ବାରିପଦା/ ମୋରଡ଼ା/ରାସଗୋବିନ୍ଦପୁର,୧୬।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ/ ସ୍ମାରକ ମାଜୀ/ସତ୍ୟବାଦୀ ପରିଡ଼ା)


ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି।

## ଆଶ୍ରମ ସ୍କୁଲରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ମୃତ୍ୟୁ ଘଟଣା

- ୩ ଛାତ୍ରୀଛାତ୍ର କଟକ ସ୍ଥାନାନ୍ତର
- ହୀନ ରାଜନୀତି କରାଯାଉଛି: ମନ୍ତ୍ରୀ
- ମୃତ ଛାତ୍ରୀଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ପାଣ୍ଠି ପ୍ରଦାନ

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନ କାକବନ୍ଧ ଅନୁସୂଚିତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ୫ମ ଶ୍ରେଣୀ ଛାତ୍ରୀ ରୂପାଲୀ ବେଶ୍ରାଙ୍କ ମୃତ୍ୟୁ ଘଟଣାରେ ୩ ମାମଲା ରୁଜୁହୋଇଛି। ସରକାରୀ ଓ ସର୍ବସାଧାରଣ ସମ୍ପତ୍ତି ନଷ୍ଟକରିବା ଘଟଣାରେ ରାସଗୋବିନ୍ଦପୁର ପୋଲିସ ୨ଟି ପୃଥକ୍ ମାମଲା(ନଂ.୨୦୫/୨୬ ଓ ୨୦୬/୨୬) ଓ ମୃତ ଛାତ୍ରୀଙ୍କ ମା' ଦୁର୍ଗା ବେଶ୍ରାଙ୍କ ଅଭିଯୋଗକୁ ଭିତ୍ତିକରି ଅନ୍ୟ ଏକ ମାମଲା (ନଂ.୨୦୩/୨୬) ରୁଜୁକରି ତଦନ୍ତ ଆରମ୍ଭ କରିଛି ।

ମୃତ ଛାତ୍ରୀଙ୍କ ପରିବାରକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଗୁରୁବାର ସହାୟତା ପ୍ରଦାନ କରାଯାଇଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ଏବଂ ସାଧାରଣ ଉଦ୍ୟୋଗ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର ମୃତ ଛାତ୍ରୀଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇବା ସହ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିବା ୩ଲକ୍ଷ ଟଙ୍କାର ଚେକ୍ ପ୍ରଦାନ କରିଛନ୍ତି। ଏହାସହ ଘଟଣାର ତଦନ୍ତ ପୂର୍ବକ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଆଦିବାସୀମାନଙ୍କୁ ନେଇ ବିରୋଧୀ ଦଳ ପକ୍ଷରୁ ହୀନ ରାଜନୀତି କରାଯାଉଥିବାରୁ ମନ୍ତ୍ରୀ ମହାପାତ୍ର ଏହାକୁ ଦୃଢ଼ ନିନ୍ଦା କରିଛନ୍ତି। ବିଜେଡି ପକ୍ଷରୁ ଆହୂତ ୧୨ ଘଣ୍ଟିଆ ମୟୂରଭଞ୍ଜ ଜିଲା ହରତାଳକୁ ମୃତ ଛାତ୍ରୀଙ୍କ ମା' ବିରୋଧ କରିଛନ୍ତି। ଅସୁସ୍ଥ ଛାତ୍ରୀମାନଙ୍କୁ ଉତ୍ତମ ଚିକିତ୍ସା ପ୍ରଦାନ କରାଯିବା ସହ କିପରି ସମସ୍ତେ ସୁସ୍ଥ ହେବେ ସେଥିପ୍ରତି ଗୁରୁତ୍ୱ ଦେବାକୁ ସେ କହିଛନ୍ତି।

ସୂଚନାଯୋଗ୍ୟ, କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ୧୪୬ ଛାତ୍ରୀଛାତ୍ର ଅସୁସ୍ଥ ହୋଇ ପଡ଼ିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ୨ ଛାତ୍ରୀ ଓ ଜଣେ ଛାତ୍ରଙ୍କୁ କଟକ ଶିଶୁଭବନ ସ୍ଥାନାନ୍ତର କରାଯାଇଛି। ୪୧ଜଣ ଛାତ୍ରୀଛାତ୍ର ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଅବଶିଷ୍ଟ ଛାତ୍ରୀଛାତ୍ର ସୁସ୍ଥ ହୋଇ ସ୍କୁଲକୁ ଫେରିବା ପରେ ସେମାନଙ୍କ ଅଭିଭାବକଙ୍କୁ ହସ୍ତାନ୍ତର କରାଯାଇଛି।

ରୂପାଲୀଙ୍କ ମୃତ୍ୟୁ ପରେ ଉତ୍ତ୍ୟକ୍ତ ଲୋକଙ୍କ ଆକ୍ରମଣରେ ଅନେକ ପୋଲିସ କର୍ମଚାରୀ ଓ ସରକାରୀ ଅଧିକାରୀ ଆହତ ହୋଇଛନ୍ତି। ଏଭଳି ଘଟଣାକୁ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ କେନ୍ଦ୍ରାଞ୍ଚଳ ଆର୍‌ଡିସି ତଦନ୍ତ ଜାରି ରଖିଛନ୍ତି। ଜିଲାପାଳ ହେମକାନ୍ତ ସୟ ଗୁରୁବାର ଜିଲା ମୁଖ୍ୟ ଡାକ୍ତରଖାନାକୁ ଯାଇ ଚିକିତ୍ସାଧୀନ ଛାତ୍ରୀଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଛନ୍ତି। ଜିଲା ପ୍ରଶାସନିକ ଅଧିକାରୀମାନେ ଡାକ୍ତରଖାନାରେ ୨୪ ଘଣ୍ଟିଆ ଉପସ୍ଥିତ ରହି ଛାତ୍ରୀମାନଙ୍କ ସ୍ୱାସ୍ଥ୍ୟ କଥା ବୁଝୁଛନ୍ତି। ମୃତ ଛାତ୍ରୀଙ୍କ ପରିବାରକୁ ଅଦ୍ୟାବଧି ମୋଟ ୭ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି । ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଲକ୍ଷ, ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ପକ୍ଷରୁ ଏକ୍ସଗ୍ରାସିଆ ଅର୍ଥ ୨ଲକ୍ଷ ଓ ଜିଲା ରେଡ୍‌କ୍ରସ୍‌ରୁ ୨ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ସହାୟତା ଅର୍ଥ ରାଶି ପ୍ରଦାନ ବେଳେ ମନ୍ତ୍ରୀ ମହାପାତ୍ରଙ୍କ ସହିତ ବାରିପଦା ବିଧାୟକ ପ୍ରକାଶ ସୋରେନ, ବାଙ୍ଗିରିପୋଷି ବିଧାୟିକା ସଞ୍ଜଲୀ ମୁର୍ମୁ, ଭାଜପା ଜିଲା ସଭାପତି ନିହାର ରଞ୍ଜନ ମୋହି, ସାମାଜିକ କର୍ମୀ ପରେଶ ଚନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

ଅନ୍ୟପକ୍ଷରେ ପୋଲିସ ଲାଠିଚାର୍ଜ କରିନାହିଁ ବୋଲି ଏସ୍‌ଡିପିଓ ମିନତୀ ବିଶ୍ୱାଳ କହିଛନ୍ତି। ମୃତଦେହ ଅଣାଯାଇଥିବା ଗାଡ଼ିକୁ ଭଙ୍ଗାରୁଜା କରିବା ସମୟରେ ଉତ୍ତ୍ୟକ୍ତ ଲୋକଙ୍କୁ ପୋଲିସ ଅଟକାଇବାକୁ ଚେଷ୍ଟା କରିଥିଲା। କିନ୍ତୁ ଲୋକେ ପୋଲିସ ଉପରକୁ ପେଟ୍ରୋଲ ବମ୍, ଟେକା ପଥର ଫିଙ୍ଗିଥିଲେ। ଫଳରେ ୮ଜଣ ପୋଲିସ କର୍ମଚାରୀ ଆହତ ହୋଇଛନ୍ତି ଏବଂ ପୋଲିସ ଗାଡ଼ି ମଧ୍ୟ ନଷ୍ଟ ହୋଇଛି ବୋଲି ଏସ୍‌ଡିପିଓ ବିଶ୍ୱାଳ କହିଛନ୍ତି।

# ଶିମିଳିପାଳରୁ ଶିକାରୀ ଗିରଫ,ବନ୍ଧୁକ ଜବତ

ବାରିପଦା,୧୬।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)


ଗିରଫ ଶିକାରୀ ଓ ଜବତ ବନ୍ଧୁକ।

ମୟୂରଭଞ୍ଜ ଜିଲା ଶିମିଳିପାଳ ଅଭୟାରଣ୍ୟ ଉତ୍ତର ଡିଭିଜନ ପିଠାବଟା ରେଞ୍ଜ ବାଲିଡ଼ିହା ବିଟ୍ ଅଞ୍ଚଳରେ ବନ ବିଭାଗ ଚଢ଼ାଉ କରି ଜଣେ ଶିକାରୀଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ହେଲେ କୁଳିଅଣା ଥାନା ଅଧୀନ ଅସନବଣି ଗ୍ରାମର ଭାଗବତ ମାରାଣ୍ଡି। ତାଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ବିସ୍ଫୋରକ ସାମଗ୍ରୀ, ଟର୍ଚ୍ଚ ଲାଇଟ୍, ଏକ ମୃତ ଠେକୁଆ ଜବତ ହୋଇଛି।

ସୂଚନା ଅନୁଯାୟୀ, ଗତ ୧୪ ତାରିଖ ରାତିରେ ଜଙ୍ଗଲ ମଧ୍ୟରେ ଶିକାରୀ ପ୍ରବେଶ କରିଥିବା ନେଇ ବନ ବିଭାଗକୁ ଖବର ମିଳିଥିଲା। ବନ କର୍ମଚାରୀମାନେ ପାଟ୍ରୋଲିଂ କରୁଥିବା ସମୟରେ ଗୁଳି ଚାଳନା ଶବ୍ଦ ଶୁଣିଥିଲେ। କର୍ମଚାରୀମାନେ ଚଢ଼ାଉ କରି ଭାଗବତଙ୍କୁ କାବୁ କରିଥିବା ନେଇ ଶିମିଳିପାଳ ଦକ୍ଷିଣ ବନ୍ୟପ୍ରାଣୀ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡ଼ା ସୂଚନା ଦେଇଛନ୍ତି।

# 'ସାଧୁସଙ୍ଗ ଦ୍ୱାରା ଧର୍ମୀୟ ଚେତନା ଜାଗ୍ରତ ହୁଏ'

ଝାରପୋଖରିଆ,୧୬।୪(ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ ଉମାଦେଇପୁର ପଞ୍ଚାୟତ ଅନ୍ତର୍ଗତ କାଣିମହୁଲି ଗ୍ରାମରେ ଥିବା ମହାବୀର ହନୁମାନଙ୍କ ମନ୍ଦିରରେ ହନୁମାନ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ମନ୍ଦିର ପୂଜା କମିଟି ପକ୍ଷରୁ ଯଜ୍ଞାଦି କାର୍ଯ୍ୟ ସହିତ ହନୁମାନଙ୍କ କଥାମୃତ ପ୍ରବଚନ ଓ ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଛି। ମନ୍ଦିର ପୂଜକ ରାକେଶ କୁମାର ପାଣିଙ୍କ ତତ୍ତ୍ୱାବଧାନରେ ଗ୍ରାମର ଅଶ୍ୱିନୀ କୁମାର ମହାନ୍ତ ଓ ତାଙ୍କ ସହଧର୍ମିଣୀ ଦେବଯାନୀ ମହାନ୍ତଙ୍କ ସଂକଳ୍ପରେ ଘଟ ସ୍ଥାପନା କରାଯାଇଥିଲା। ପରେ ଉଦଳା ଗୋବିନ୍ଦପୁର ଗ୍ରାମର ବ୍ରାହ୍ମଣ ସ୍ୱରୂପ କୁମାର ପାଢ଼ୀଙ୍କ ଦ୍ୱାରା ଘଟ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ମନ୍ଦିରରେ ମଣ୍ଡଳପୂଜା, ଷୋଡ଼ଶ ଉପଚାର ପୂଜା, ଘୃତାହୁତି ପ୍ରଭୃତି ନିତ୍ୟ ପୂଜା, ହୋମଯଜ୍ଞ କରାଯାଇଥିଲା। ପୁରୀ ଅଲମଳା ଆଶ୍ରମର ବାବାଜୀ ସତ୍ୟପ୍ରଜ୍ଞା ଦାସ ମହାରାଜ ପ୍ରବକ ଭାବେ ଯୋଗଦେଇ ସାଧୁସଙ୍ଗ ଦ୍ୱାରା ଧର୍ମୀୟ ଚେତନା ଜାଗ୍ରତ ହୁଏ ବୋଲି କହିଥିଲେ। ଗୁରୁବାର ଚତୁର୍ଦ୍ଦଶୀ ତିଥିରେ ପୂର୍ଣ୍ଣାହୁତି ପର୍ବ ସମାପନ କରାଯାଇଥିଲା। ମଙ୍ଗୁଲୁ ମହାନ୍ତ, ଜୟରାମ ମହାନ୍ତ, ସତ୍ୟବ୍ରତ ମହାନ୍ତଙ୍କ ସହିତ ମନ୍ଦିର ଉପଦେଷ୍ଟା ମଣ୍ଡଳୀ ସଭ୍ୟବୃନ୍ଦ ପରିଚାଳନାରେ ସହଯୋଗ କରିଥିଲେ।

# ଭଞ୍ଜସେନା ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା



କ୍ୟାଣ୍ଡେଲ ଶୋଭାଯାତ୍ରାରେ ସାମିଲ ଭଞ୍ଜସେନାର କର୍ମକର୍ତ୍ତାମାନେ।

ମୋରଡ଼ା,୧୬।୪(ସ୍ମାରକ ମାଜୀ)

ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନାଙ୍କ ନିର୍ଦ୍ଦେଶ କ୍ରମେ ଗୁରୁବାର ସମଗ୍ର ମୟୂରଭଞ୍ଜ ଜିଲାରେ କାକବନ୍ଧ ଆଶ୍ରମ ସ୍କୁଲ ମୃତ ଛାତ୍ରୀଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରି କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଏହି ପରିପ୍ରେକ୍ଷୀରେ ମୋରଡ଼ା ବ୍ଲକ୍ ଅଧୀନ ଚିତ୍ରଡ଼ା ଶୀର୍ଷାପାଳ ଛକରେ ଭଞ୍ଜସେନା ସଭାପତି ପରିତୋଷ ବାରିକଙ୍କ ନେତୃତ୍ୱରେ ମୃତ ଛାତ୍ରୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବାଜୁନ ହାଁସଦା, ତ୍ରିନାଥ ପାତ୍ର ଏବଂ ଅନ୍ୟମାନେ ଉପସ୍ଥିତ ଥିଲେ।

# ସିବିଆଇ ତଦନ୍ତ ଦାବିକଲା ଜେଏମ୍ଏମ୍

ବାରିପଦା,୧୬।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଆଶ୍ରମ ସ୍କୁଲ ଛାତ୍ରୀ ମୃତ୍ୟୁ ଘଟଣା



ଖବରଦାତା ସମ୍ମିଳନୀରେ ଜେଏମ୍ଏମ୍ ନେତୃବୃନ୍ଦ।

ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ୍ ଅଧୀନ କାକବନ୍ଧ ଅନୁସୂଚୀତ ଜାତି ଓ ଜନଜାତି ଆଶ୍ରମ ବିଦ୍ୟାଳୟରେ ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀ ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ଦାବି କରିଛି ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମ୍ଏମ୍)। ବିଦ୍ୟାଳୟର ସମସ୍ତ ଆଦିବାସୀ ଛାତ୍ରୀଛାତ୍ରଙ୍କ ସୁରକ୍ଷାକୁ ନେଇ ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ଗୁରୁବାର ଆହୂତ ଏକ ଖବରଦାତା ସମ୍ମିଳନୀରେ ଜେଏମ୍ଏମ୍ ଜିଲା ସଭାପତି କୃଷ୍ଣଚନ୍ଦ୍ର ଦାସ ଦାବି କରିଛନ୍ତି। ମୃତ ଛାତ୍ରୀଙ୍କ ପରିବାରକୁ ୫୦ଲକ୍ଷ ଟଙ୍କାର କ୍ଷତିପୂରଣ ସହ ଦାୟିତ୍ୱରେ ଅବହେଳା ପ୍ରଦର୍ଶନ କରିଥିବା ଦୋଷୀଙ୍କୁ ତୁରନ୍ତ ଗିରଫ କରିବାକୁ ସେ ଦାବି କରିଛନ୍ତି।

ରାଜ୍ୟ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଅଧୀନରେ ଏମ୍ଆର୍‌ଏସ୍, ଆଶ୍ରମ ଓ ସେବାଶ୍ରମ ଆବାସିକ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଶିକ୍ଷା ଗ୍ରହଣ କରୁଛନ୍ତି। ଏମାନଙ୍କ ପାଇଁ ମାଗଣା ଖାଦ୍ୟ, ପୋଷାକ, ପାଠ୍ୟପୁସ୍ତକ ଓ ରହିବାର ସୁବିଧା କରାଯାଇଥିବା ବେଳେ ସୁରକ୍ଷା ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି । ଜିଲାର ୧୬୭ଟି ଆଶ୍ରମ ବିଦ୍ୟାଳୟରେ ମୋଟ ୮୧ ହଜାର ୩୩୬ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବା ବେଳେ ଏକ ହଜାର ଶିକ୍ଷକ ପଦବୀ ମଧ୍ୟରୁ ୩୦ ପ୍ରତିଶତ ପଦବୀ ଖାଲି ପଡ଼ିଛି। ଏପରିକି ୫୦ ପିଲାଙ୍କୁ ନେଇ ଜଣେ ସିସିଏ ନିଯୁକ୍ତି କରିବାର ବ୍ୟବସ୍ଥା ରହିଥିବା ବେଳେ ଅର୍ଦ୍ଧାଧିକ ପଦବୀ ଫାଙ୍କା ପଡ଼ିଛି । ଯାହା ଫଳରେ ଛାତ୍ରୀଛାତ୍ରମାନଙ୍କ ସୁରକ୍ଷା କ୍ଷେତ୍ରରେ ଅନିଶ୍ଚିତତା ଦେଖାଦେଇଛି। ଦିନକୁ ଦିନ ଅଘଟଣ ବୃଦ୍ଧି ପାଉଥିବାରୁ ଅଭିଭାବକମାନେ ଚିନ୍ତାରେ ପଡ଼ିଛନ୍ତି। ଅଭିଭାବକମାନେ ଅନେକ ସ୍ୱପ୍ନ ନେଇ ସେମାନଙ୍କ ସନ୍ତାନଙ୍କୁ ସ୍କୁଲକୁ ପଠାଉଛନ୍ତି ଶବ ହୋଇ ଫେରିବା ପାଇଁ ନୁହେଁ ବୋଲି ଜେଏମ୍ଏମ୍ ଜିଲା ସଭାପତି କହିଛନ୍ତି। କାକବନ୍ଧ ଆଶ୍ରମ ବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାରେ ସିବିଆଇ ତଦନ୍ତ କରାଗଲେ ପ୍ରକୃତ ଦୋଷୀଙ୍କୁ ଦଣ୍ଡ ମିଳିବ ବୋଲି ସେ ଦାବି କରିଛନ୍ତି। ସେହିପରି ସ୍କୁଲ ସମ୍ମୁଖରେ ହୋଇଥିବା ଘଟଣା ପାଇଁ କିଏ ଦାୟୀ ଏବଂ କେଉଁ ପରିସ୍ଥିତିରେ ଉକ୍ତ ଛାତ୍ରୀଙ୍କ ମୃତଦେହକୁ ସେଠାକୁ ନିଆଯାଇଥିଲା ତା'ର ବିଧିବଦ୍ଧ ତଦନ୍ତ କରିବାକୁ ମଧ୍ୟ ଦାବି କରିଛନ୍ତି। ନୀରିହ ଲୋକଙ୍କ ବିରୋଧରେ ମାମଲା ରୁଜୁ କରା ନ ଯାଉ ବୋଲି ମଧ୍ୟ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜେଏମ୍ଏମ୍‌ର ଜିଲା ଉପସଭାପତି ରାଜା ହେମ୍ବ୍ରମ, ଦିବାକର ସୋରେନ, ଶିରିଶ ଟୁଡୁ, ଠୁମ୍ପୁ ମୁର୍ମୁ, ତରେନ ସେନାପତି ଓ ସୁଜିତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଅମ୍ରିତ ସାରସକଣା ବ୍ଲକ୍ ଟପ୍ପର

ଝାରପୋଖରିଆ,୧୬।୪(ସୁଧୀର କୁମାର ମହାନ୍ତ)

ସାରସକଣା ବ୍ଲକ ଶୀର୍ଷାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟରୁ ଚଳିତ ବର୍ଷ ୫୭ ଜଣ ପରୀକ୍ଷାର୍ଥୀ ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା ଦେଇଥିଲେ। ସେଥି ମଧ୍ୟରୁ ୫୪ ଜଣ ପାସ କରିଥିବା ବିଦ୍ୟାଳୟର ଅଧକ୍ଷ ସୁମନ ଜାନା ସୂଚନା ଦେଇଛନ୍ତି। ୫ ଜଣ ବିଦ୍ୟାର୍ଥୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖି ବିଦ୍ୟାଳୟର ସୁନାମ ବୃଦ୍ଧି କରିଥିବାବେଳେ ୯୫.୨ ପ୍ରତିଶତ ନମ୍ବର ରଖି ଅମ୍ରିତ କୁମାର ଗୋଚ୍ଛାୟତ ବ୍ଲକ ଟପ୍ପର ହୋଇଛନ୍ତି। ଅମ୍ରିତ ବାଙ୍ଗିରିପୋଷି ବ୍ଲକ ପଥୁରୀ ପଞ୍ଚାୟତ ବୁଡ଼ାମରା(ଉଁଚଡ଼ିହା)ଗ୍ରାମର ଅଜୟ କୁମାର ଗୋଚ୍ଛାୟତ ଓ ମାନସୀ ଗୋଚ୍ଛାୟତଙ୍କ ସୁପୁତ୍ର ଅଟନ୍ତି। ମା',ବାପାଙ୍କ ଆଶୀର୍ବାଦ ସହିତ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଉତ୍ତମ ଶିକ୍ଷାଦାନ ଓ କଠିନ ପରିଶ୍ରମ ଯୋଗୁ ଏହି ସଫଳତା ମିଳିଥିବା ଅମ୍ରିତ କହିଛନ୍ତି। ଭବିଷ୍ୟତରେ ଜଣେ ଡାକ୍ତର ହେବାକୁ ସେ ଲକ୍ଷ୍ୟ ରଖିଥିବା ପ୍ରକାଶ କରିଛନ୍ତି। ବିଦ୍ୟାଳୟର ସଞ୍ଜୟ କୁମାର ଦଣ୍ଡପାଟ ୯୩.୪, ସତ୍ୟପ୍ରଜ୍ଞ ସାହୁ ୯୩, ସୁହାନି ପ୍ରହରାଜ ୯୨.୮, ମଧୁସ୍ମିତା ମହାତୋ ୯୦.୨ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି।

# ମୋରଡ଼ା ଆଦର୍ଶ ବିଦ୍ୟାଳୟର ପାସ୍ ହାର ୯୨.୩୦ ପ୍ରତିଶତ

ମୋରଡ଼ା,୧୬।୪(ସ୍ମାରକ ମାଜୀ)

## ସିବିଏସ୍‌ଇ ଦଶମ ଶ୍ରେଣୀ ପରୀକ୍ଷା

ମୟୂରଭଞ୍ଜ ଜିଲା ମୋରଡାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସିବିଏସଇ ଦ୍ୱାରା ପରିଚାଳିତ ଦଶମ ଶ୍ରେଣୀ ପରୀକ୍ଷାରେ କୃତୀତ୍ୱ ହାସଲ କରିଛନ୍ତି। ଚଳିତ ବର୍ଷ ମୋଟ ୭୮ଜଣ ପରୀକ୍ଷା ଦେଇଥିବା ବେଳେ ୭୨ଜଣ ପାସ କରିଛନ୍ତି। ବିଦ୍ୟାଳୟର ପାସ ହାର ୯୨.୩୦ ପ୍ରତିଶତ ରହିଛି। ୬୦ଜଣ ଛାତ୍ରୀଛାତ୍ର ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଛାତ୍ର ଦେବୀଦତ୍ତ ମହାପାତ୍ର ସର୍ବାଧିକ ୯୨.୬୦ ପ୍ରତିଶତ ନମ୍ବର ରଖିଥିବା ବେଳେ ଛାତ୍ରୀ ସାଇଦା ସାହିସ୍ତା ୱାସିମ ଓ ବିଷ୍ଣୁପ୍ରିୟା ପାତ୍ର ଯଥାକ୍ରମେ ୯୦ ଓ ୮୯ ପ୍ରତିଶତ ନମ୍ବର ରଖିଛନ୍ତି। ବିଦ୍ୟାଳୟର ଏହି ସଫଳତା ପାଇଁ ଛାତ୍ରୀଛାତ୍ରମାନେ ଅଧକ୍ଷ ସଂଗ୍ରାମ କେଶରୀ ପାତ୍ର ଓ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ରାଣୀଭୋଳ ଆଦର୍ଶ ବିଦ୍ୟାଳୟର ଶତପ୍ରତିଶତ ସଫଳତା

ବାରିପଦା, ୧୬।୪ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

## ଚମକିଲେ ନିଶାନ୍ତ, ଚିରଞ୍ଜିତ, ପ୍ରତୀକ, ସତ୍ୟପ୍ରକାଶ

ପ୍ରକାଶ ପାଇଥିବା ସିବିଏସସି ଦଶମ ପରୀକ୍ଷା ଫଳରେ ବାରିପଦା ରାଣୀଭୋଳ ଆଦର୍ଶ ବିଦ୍ୟାଳୟ ଶତପ୍ରତିଶତ ସଫଳତା ଦୋହରାଇଛି। ଚଳିତ ବର୍ଷ ୮୧ଜଣ ପରୀକ୍ଷା ଦେଇଥିବା ବେଳେ ସମସ୍ତେ କୃତକାର୍ଯ୍ୟ ହୋଇଛନ୍ତି। ୪ଜଣ ପରୀକ୍ଷାର୍ଥୀ ୯୫ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ବିଦ୍ୟାଳୟର ଗୌରବ ବଢ଼ାଇଛନ୍ତି। ସେମାନେ ହେଲେ ନିଶାନ୍ତ ଭୂୟାଁ(୯୭.୪୦%), ଚିରଞ୍ଜିତ ଟିପିରିଆ(୯୬.୮୦%), ପ୍ରତୀକ କୁମାର ପଣ୍ଡା(୯୫.୬୦%) ଓ ସତ୍ୟପ୍ରକାଶ ମହାପାତ୍ର(୯୫.୨୦)। ସେହିପରି ୮ଜଣ ୯୦ରୁ ୯୫% ନମ୍ବର ରଖିଥିବା ବେଳେ ୧୩ଜଣ ୮୦ରୁ ୯୦%, ୨୦ଜଣ ୭୦ରୁ ୮୦% ଓ ୧୭ଜଣ ୬୦ରୁ ୭୦% ନମ୍ବର ରଖି କୃତକାର୍ଯ୍ୟ ହୋଇଛନ୍ତି। ପରୀକ୍ଷାରେ ସଫଳତା ପାଇଁ ଅଧକ୍ଷ ହିମାଂଶୁ ଦାସଙ୍କ ସମେତ ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଓ କର୍ମଚାରୀ ପିଲାମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

# ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର

ଗୋପବନ୍ଧୁ ନଗର,୧୬।୪ (ଶାନ୍ତନୁ କୁମାର ମଣ୍ଡୁଆଳ)

ଖୁଣ୍ଟା ଡିଗ୍ରୀ ମହାବିଦ୍ୟାଳୟ ରାଜନୀତି ବିଜ୍ଞାନ ବିଭାଗର ଆଲୋଚନାଚକ୍ର ଅଧକ୍ଷ ସରୋଜ ରଞ୍ଜନ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କପ୍ତିପଦା କଲେଜ ନୂଆ ସାହିର ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ଲମ୍ବୋଧର ବାରିକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତରେ ଗଣତାନ୍ତ୍ରିକ ବିକେନ୍ଦ୍ରୀକରଣ ଉପରେ ବକ୍ତବ୍ୟ ରଖିଥିଲେ। ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ ପ୍ରମୋଦ କୁମାର ମିଶ୍ର ଅତିଥି ପରିଚୟ ପ୍ରଦାନ, ଅଧ୍ୟାପକ ସ୍ନେହାଶିଷ ସେଠୀ ଧନ୍ୟବାଦ ଦେଇଥିଲେ। ଅଧ୍ୟାପିକା ଗୋପା ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସୁମିରାଣୀ କିସ୍କୁ, ସସ୍ମିତା ସିଂ, ଅଜିତ କୁମାର ମୁର୍ମୁ, ଶୁଭସ୍ମିତା ସିଂ, ଲକ୍ଷ୍ମୀକାନ୍ତ ନାଏକ ଏବଂ ଛାତ୍ରଛାତ୍ରୀ ସନ୍ଦର୍ଭ ପାଠ କରିଥିଲେ।

# ଦ୍ୱନ୍ଦ୍ୱରେ ଜନଗଣନା ଅଧିକାରୀ

ବୈଶିଙ୍ଗା,୧୬।୪ (ରତନ ଦାଶ)

## ମ୍ୟାପରୁ ଅଞ୍ଚଳ ଚିହ୍ନଟ ସୃଷ୍ଟି କରୁଛି ସମସ୍ୟା

ଗୁରୁବାରଠାରୁ ଜନଗଣନା ଓ ଗୃହ ଗଣନା ସର୍ଭେ କାର୍ଯ୍ୟ ବୈଶିଙ୍ଗା ଓ ବେତନଟୀ ଅଞ୍ଚଳରେ ଆରମ୍ଭ ହୋଇଛି। ତେବେ ଜନଗଣନାକାରୀମାନେ କେଉଁ ଗାଁର କେତେ ଅଞ୍ଚଳ ସର୍ଭେ କରିବେ ତାହା ଏବେ ସମସ୍ୟା ହୋଇ ଠିଆ ହୋଇଛି। କେବଳ ମ୍ୟାପଟିଏ ଦିଆଯାଇଥିବାରୁ ଏହା କେଉଁ ଅଞ୍ଚଳର କେତେ ଅଂଶ ବୋଲି ଜନଗଣନାକାରୀମାନେ ଦ୍ୱନ୍ଦ୍ୱରେ ପଡ଼ିଯାଇଛନ୍ତି। ସ୍ଥାନୀୟ ଅଞ୍ଚଳ ସହ ପରିଚିତ ନ ଥିବା ବହିରାଗତ ଜନଗଣନାକାରୀମାନେ ବିଶେଷ ଭାବେ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଜନଗଣନାକାରୀମାନେ ଗ୍ରାମ ଗୁଡ଼ିକର ସ୍ଥିତି ବିଷୟରେ ପୂର୍ବରୁ ଅବଗତ ଥିଲେ ମଧ୍ୟ ମିଳିଥିବା ମ୍ୟାପ ବିଭ୍ରାଟ ସୃଷ୍ଟି କରିଛି। ଜଣେଜଣେ ଜନଗଣନାକାରୀଙ୍କୁ ଗୋଟିଏ ରାଜସ୍ୱ ଗ୍ରାମର ୨ ତିନୋଟି ପଡା ସର୍ଭେ ପାଇଁ କୁହାଯାଇଥିବାରୁ ସେମାନେ ଅଧିକ ସମସ୍ୟା ଭୋଗୁଛନ୍ତି।

ଗୋଟିଏ ଗୋଟିଏ ଗାଁକୁ ଦୁଇଜଣ ଗଣନାକାରୀଙ୍କୁ ଦାୟିତ୍ୱ ଦିଆଯାଇଥିବାରୁ କିଏ କେଉଁ ଗୃହର ସର୍ଭେ କରିବେ ତାହା ଦ୍ୱନ୍ଦ୍ୱ ଉପୁଜାଉଛି। ପୁରୁଣା ଗୃହ ତାଲିକା କିମ୍ବା କେଉଁ ବ୍ୟକ୍ତିଙ୍କ ଘରଠାରୁ କେଉଁ ବ୍ୟକ୍ତିଙ୍କ ଘର ପର୍ଯ୍ୟନ୍ତ ସର୍ଭେ ହେବ ତାହା ଉଲ୍ଲେଖ କରାଯାଇଥିଲେ ସହଜ ହୋଇଥାନ୍ତା। ୱାର୍ଡ ତାଲିକା ଅନୁସାରେ ଜନଗଣନା ଓ ଗୃହ ସର୍ଭେ ପାଇଁ ଦିଆଯାଇଥିଲେ ମଧ୍ୟ ସୁବିଧା ହୋଇଥାନ୍ତା କିମ୍ବା ବୁଥ ଅନୁସାରେ ଜନଗଣନା ଓ ଗୃହ ଗଣନା ପାଇଁ ବ୍ୟବସ୍ଥା ହୋଇଥିଲେ ଏହା ସୁଗମ ହୋଇଥାଆନ୍ତା। ମ୍ୟାପ ପ୍ରଦାନ କାରଣରୁ ମ୍ୟାପରୁ ତଥ୍ୟ ସଂଗ୍ରହ ଓ ଗୃହ ଚିହ୍ନଟ ଏବେ ମୁଖ୍ୟ ସମସ୍ୟା ଭାବେ ଉଭା ହୋଇଛି। ଶିକ୍ଷକମାନଙ୍କ ପକ୍ଷରେ ମ୍ୟାପ ପଠନ ସହଜ କାର୍ଯ୍ୟ ହୋଇ ନ ଥିବାରୁ ଏଥିରୁ ଗ୍ରାମ ଓ ଗୃହ ଚିହ୍ନଟ ଏବେ ପ୍ରମୁଖ ସମସ୍ୟା ହୋଇ ମୁଣ୍ଡ ଟେକିଛି। ଏଭଳି ସ୍ଥିତିରେ ରାଜସ୍ୱ ବିଭାଗର ଅଧିକାରୀମାନଙ୍କୁ ଜନଗଣନାକାରୀଙ୍କୁ ଅଞ୍ଚଳ ଚିହ୍ନଟରେ ସହଯୋଗ ପାଇଁ ନିର୍ଦ୍ଦେଶ ଦେବା ଜରୁରୀ ହୋଇପଡ଼ିଛି। ତେଣୁ ଏଦିଗରେ ଜିଲାପାଳ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଜରୁରୀ ହୋଇପଡ଼ିଛି।

# ସମସ୍ୟା ଘେରରେ କପ୍ତିପଦା ଟସର ସମବାୟ କେନ୍ଦ୍ର

କପ୍ତିପଦା,୧୬।୪(ବିଷ୍ଣୁ ଚରଣ ପୁଥାଲ)

## ନାହାନ୍ତି ସ୍ଥାୟୀ କର୍ମଚାରୀ, ନାହିଁ ଟସର ଗଚ୍ଛିତ ଗୃହ


ଭାଙ୍ଗିରୁଜି ଯାଇଥିବା କର୍ମଚାରୀଙ୍କ କ୍ୱାର୍ଟର୍ସ।

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଅଧୀନ ଜଡ଼ିଦାଠାରେ ୧୯୫୭ରେ ପ୍ରତିଷ୍ଠା ହୋଇଥିବା କପ୍ତିପଦା ଟସର ସମବାୟ କେନ୍ଦ୍ର ଏବେ ନାନା ସମସ୍ୟା ମଧ୍ୟରେ ଚାଲିଛି। ଫଳରେ ଟସର ଚାଷ ଉପରେ ନିର୍ଭର କରି ଜୀବିକା ନିର୍ବାହ କରୁଥିବା ବୁଣାକାରମାନେ ନିଜର କୌଳିକ ବୃତ୍ତି ହରାଇବାକୁ ବସିଲେଣି।

କପ୍ତିପଦା ବ୍ଲକର ଜାମବଣୀ, ନେଦାମ, ଶାଳଚୁଆ, ଜଡ଼ିଦା, ସାପଘର, ଭେଜିଡିହା, ମହୁଲପଙ୍ଖା, ଢ଼ୋଲଗଣ୍ଡି, ପଣ୍ଡୁଡାହି ଅଞ୍ଚଳର ୫୦୦ରୁ ଉର୍ଦ୍ଧ୍ୱ ଟସର ଚାଷୀଙ୍କୁ ନେଇ ଏହି ସମବାୟ ସମିତି ଗଠନ କରାଯାଇଥିଲା। ସମବାୟ କେନ୍ଦ୍ର ପକ୍ଷରୁ ଚାଷୀମାନଙ୍କୁ ଟସର ବିହନ ଯୋଗାଇ ଦିଆଯାଉଥିଲା। ଟସର କୋଷା ସଂଗ୍ରହ ପରେ ସ୍ଥାନୀୟ ଅଞ୍ଚଳର ବୁଣାକାରମାନେ ସେଥିରୁ ସୂତା ବାହାର କରି ଆକର୍ଷଣୀୟ ଧୋତି, ଜୋଡ, ଉତ୍ତରୀୟ, ଶାଢ଼ି, ଚଦର, ଶାଲ୍ ଆଦି ତିଆରି କରିଥାନ୍ତି। କପ୍ତିପଦା ଉପଖଣ୍ଡର ଡିହିରାକୂଳ ଓ ବାଘମରା ଗ୍ରାମ ଏହି ଟସର ବସ୍ତ୍ର ପାଇଁ ଓଡ଼ିଶାରେ ପ୍ରସିଦ୍ଧି ଲାଭ କରିଥିଲା। ସେତେବେଳେ ଏହାର ଚାହିଦା ଦୃଷ୍ଟିରୁ କପ୍ତିପଦା ଟସର ସମବାୟ କେନ୍ଦ୍ର ଲାଭରେ ଚାଲିଥିଲା । ଚାଷୀମାନେ ମଧ୍ୟ ଏହି ସମବାୟ କେନ୍ଦ୍ରକୁ ଟସର କୋଷା ଯୋଗାଇ ଦେଇ ନିଜର ଆର୍ଥିକ ପରିସ୍ଥିତିକୁ ସୁଦୃଢ଼ କରି ପାରିଥିଲେ। ୧୯୭୭ଠାରୁ ଏହି ସମବାୟ କେନ୍ଦ୍ର ପାଇଁ ନିର୍ମାଣ କରାଯାଇଥିବା ଅଫିସ ଗୃହ, ଷ୍ଟାଫ୍ କ୍ୱାର୍ଟର୍ସ ରକ୍ଷଣାବେକ୍ଷଣ ଅଭାବରୁ ଭାଙ୍ଗିଯାଇଛି। ସେହିପରି ୨୦୧୯ରେ ଟସର ମୌଳିକ ବିହନ ଉତ୍ପାଦନ କେନ୍ଦ୍ର ନିର୍ମାଣ କରାଯାଇଥିଲା। ଉକ୍ତ କେନ୍ଦ୍ରର ବୈଷୟିକ ନିରୀକ୍ଷକ ପଦୋନ୍ନତି ପାଇ ଅନ୍ୟତ୍ର ବଦଳି ହୋଇଯିବା ପରେ ତାଙ୍କ ସ୍ଥାନରେ ବର୍ତ୍ତମାନ ସୁଦ୍ଧା କାହାରିକୁ ସ୍ଥାୟୀ ନିଯୁକ୍ତି ଦିଆଯାଇନାହିଁ। କେବଳ ଜଣେ ଠିକା ନିଯୁକ୍ତି ଭିତ୍ତିକ କର୍ମଚାରୀ ଏହି କେନ୍ଦ୍ରରେ ଅଛନ୍ତି । ଅନ୍ୟଜଣେ କର୍ମଚାରୀ ବାଙ୍ଗିରିପୋଷିରେ ସ୍ଥାୟୀ ନିଯୁକ୍ତି ପାଇବା ସହିତ ଏହି ଟସର ସମବାୟ ସମିତିର ଦାୟିତ୍ୱ ସହ ଅନ୍ୟ ୪ଟି ସ୍ଥାନରେ ମଧ୍ୟ ଦାୟିତ୍ୱରେ ଅଛନ୍ତି। ଶରତଠାରେ ଥିବା ଟସର ସୋସାଇଟି କେନ୍ଦ୍ରଟି ମଧ୍ୟ ଏବେ ରଗଣ୍ ଅବସ୍ଥାରେ ରହିଛି। ଏହି ସୋସାଇଟି ଉପରେ ନିର୍ଭର କରୁଥିବା ୫୦ରୁ ଉର୍ଦ୍ଧ୍ୱ ଚାଷୀ ଜୀବିକା ହରାଇ ହାତବାନ୍ଧି ବସିଛନ୍ତି। ତେବେ ସମସ୍ତ ସୁବିଧା ଓ ସୁଯୋଗ ଥାଇ ଜିଲାରେ ରଗଣ ଅବସ୍ଥାରେ ଥିବା କପ୍ତିପଦା ଟସର ସମବାୟ କେନ୍ଦ୍ରକୁ ପୁନର୍ଜୀବନ ଦେଇ ସ୍ଥାନୀୟ ଯୁବତୀ ଯୁବକମାନଙ୍କୁ ଏ କ୍ଷେତ୍ରରେ ଉପଯୁକ୍ତ ତାଲିମ ପ୍ରଦାନ କଲେ ପାରମ୍ପରିକ ଟସର ଶିଳ୍ପର ପୁନରୁଦ୍ଧାର ହୋଇପାରନ୍ତା ବୋଲି ସ୍ଥାନୀୟ ଅଞ୍ଚଳବାସୀ କହିଛନ୍ତି।

ଏ ସମ୍ପର୍କରେ ଦାୟିତ୍ୱରେ ଥିବା ଅଧିକାରୀ ମଧୁସ୍ମିତା ସେଠୀଙ୍କୁ ପଚାରିବାରୁ ଆବଶ୍ୟକୀୟ ଗୃହ ନ ଥିବାରୁ ଟସର କୋଷାଗୁଡ଼ିକ ଗଚ୍ଛିତ ରଖିବାରେ ଅସୁବିଧା ହେଉଛି। କର୍ମଚାରୀମାନଙ୍କର କ୍ୱାର୍ଟର୍ସଗୁଡ଼ିକ ଭାଙ୍ଗି ଯାଇଥିବାରୁ ତା'ର ମଧ୍ୟ ପୁନରୁଦ୍ଧାର ଦରକାର ପଡୁଛି। ଏତଦ୍ ବ୍ୟତୀତ ଗତବର୍ଷ ପ୍ରାୟ ୧୦୦ ଟସର ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ବିଭିନ୍ନ ଉପକରଣ ପ୍ରଦାନ କରାଯାଇଥିବା ବେଳେ ଚଳିତ ବର୍ଷ ୧୫୦ ଚାଷୀଙ୍କୁ ଉକ୍ତ ଉପକରଣ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି। ସରକାର ଏହି ସମବାୟ କେନ୍ଦ୍ରରେ ସ୍ଥାୟୀ କର୍ମଚାରୀ ନିଯୁକ୍ତି ଦେବା ସହିତ ଟସର ଗଚ୍ଛିତ ରଖିବା ପାଇଁ ଗୃହ ଓ କର୍ମଚାରୀଙ୍କ ପାଇଁ କ୍ୱାର୍ଟର୍ସ ନିର୍ମାଣ କରିବାକୁ ଚାଷୀମାନେ ଦାବି କରିଛନ୍ତି। ଯେଉଁ ଜମି ଉପରେ ସମବାୟ କେନ୍ଦ୍ର ପ୍ରତିଷ୍ଠା ହୋଇଛି ତାହାର ପଟ୍ଟା କେନ୍ଦ୍ରକୁ ମିଳି ପାରିନାହିଁ। ତହସିଲ କର୍ତ୍ତୃପକ୍ଷ ଉକ୍ତ ଜମିର ସରଜମିନ ତଦନ୍ତ କରି ଉକ୍ତ ସମବାୟକୁ ପଟ୍ଟା ପ୍ରଦାନ କରିବା ପାଇଁ ଦାବି ହେଉଛି।

